e-paper www.sambadkalika.in

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

• ବର୍ଷ–୩୧ • ସଂଖ୍ୟା–୪୯ • ୧୫ ମାର୍ଚ୍ଚ ୨୦୨୪, ଶୁକ୍ରବାର • ଭୁବନେଶ୍ୱର • Vol -31 • Issue-49 • 15th March 2024, Friday • Bhubaneswar

Licensed to post without pre-payment of postage No- BN-60/22-24

## କାର୍ ଦୁର୍ଘଟଣା ପରେ ହସ୍ପିଟାଲରେ ଭର୍ତ୍ତି ହେଲେ ଶ୍ରୀଲଙ୍କାର ପୂର୍ବତନ ଅଧିନାୟକ






### ସ୍ୱାଭିମାନ ଅଞ୍ଚଳରେ ଶିକ୍ଷାର ନୂତନ ଆଲୋକବର୍ତ୍ତିକା

## ବଡପଡାରେ ନୂତନ ଶିକ୍ଷା ସୌଧ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୪/୩ ନ୍ୟୁଜ ବ୍ୟୁରୋ**

ଗୁରୁବାର ସ୍ୱାଭିମାନ ଅଞ୍ଚଳରେ ସୃଷ୍ଟି ହୋଇଛି ଶିକ୍ଷାର ନୂତନ ଆଲୋକବର୍ତ୍ତିକା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମାଲକାନଗିରି ଜିଲ୍ଲା ସ୍ୱାଭିମାନ ଅଞ୍ଚଳର ବଡପଡାଠାରେ ଏକ ଅତ୍ୟାଧୁନିକ ଶିକ୍ଷା ସୌଧ ଉଦ୍‌ଘାଟନ କରିଛନ୍ତି। ଏହି ଶିକ୍ଷା ସୌଧରେ ପ୍ରଥମରୁ ଉଚ୍ଚ ମାଧ୍ୟମିକ (ଦ୍ୱାଦଶ ଶ୍ରେଣୀ) ପର୍ଯ୍ୟନ୍ତ ପିଲାମାନେ ଗୋଟିଏ ସ୍ଥାନରେ ଶିକ୍ଷା ଲାଭ କରିପାରିବେ। ୭ ଏକର ଜମିରେ ସ୍ଥାପନ କରାଯାଇଥିବା ଏହି ଆଧୁନିକ ଶିକ୍ଷା ସୌଧ ପାଇଁ ୧୯ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଏଥିରେ ୧,୦୦୦ରୁ ଅଧିକ ପିଲା ପାଠ ପଢିବେ। ଭବିଷ୍ୟତ ପାଇଁ ପିଲାଙ୍କୁ ପ୍ରସ୍ତୁତ କରିବାକୁ ଏଥିରେ ସମସ୍ତ ଆଧୁନିକ ସୁବିଧା ସୁଯୋଗ ରହିଛି। ସ୍ମାର୍ଟ କ୍ଲାସ ରୁମ୍, ୩ ହଜାର ପୁସ୍ତକ ବିଶିଷ୍ଟ ଇ–ଲାଇବ୍ରେରୀ,



ଟ୍ରାଇବାଲ କର୍ଣ୍ଣର, କୁନି ପିଲାଙ୍କ ଆକ୍ଟିଭିଟି ରୁମ୍, ଏନ.ସି.ସି. ପ୍ରକୋଷ୍ଠ, କମ୍ପ୍ୟୁଟର ଲ୍ୟାବ, ଆଇସିଟି ସ୍ମାର୍ଟ ଲର୍ଣ୍ଣିଂସେଣ୍ଟର, ବିଜ୍ଞାନ ପରୀକ୍ଷାଗାର, ୨୦୦ ଆସନ ବିଶିଷ୍ଟ ଛାତ୍ରାବାସ, ୫୦୦ ଆସନ ବିଶିଷ୍ଟ ଛାତ୍ରୀନିବାସ, ଅମ୍ଫିଥିଏଟର, ସୁଦୃଶ୍ୟ ବଗିଚା,ସ୍ପୋର୍ଟ୍ସ କୋର୍ଟ, ଓପନ ଜିମ୍, ସୋଲାର ଲାଇଟିଂ, ସୋଲାର ୱାଟର ସପ୍ଲାଏ, ୱାଟର ହାର୍ଭେଷ୍ଟିଂ ସିଷ୍ଟମ୍ ଆହୁରି ଅନେକ ସୁବିଧା ରହିଛି। କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ମାଲକାନଗିରି ସବୁବେଳେ, ସବୁ କାମରେ ମୋର ପ୍ରଥମ ପସନ୍ଦ ହୋଇ ରହି ଆସିଛି। ଟଙ୍କିକିଆ ଚାଉଳ ହେଉ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ହେଉ ବା ଲକ୍ଷ୍ମୀ ଯୋଜନା– ସବୁ କାର୍ଯ୍ୟକ୍ରମ ମୁଁ ପ୍ରଥମେ ଏହିଠାରୁ ହିଁ ଆରମ୍ଭ କରି ଆସିଛି। ବଡପଡା ଶିକ୍ଷା ସୌଧ ପାଇଁ ଆନନ୍ଦ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ପିଲାମାନଙ୍କ ପାଠ ପଢାର ସୁବିଧା ତଥା ସେମାନଙ୍କ ବ୍ୟକ୍ତିତ୍ୱର ବିକାଶ ପାଇଁ ଏହି ଅନୁଷ୍ଠାନ ଗଢା ଯାଇଛି। ଏହି ସବୁ ସୁବିଧା ସହରର କୌଣସି ଆଧୁନିକ ଶିକ୍ଷା ଅନୁଷ୍ଠାନର ସୁବିଧାଠାରୁ କମ୍ ନୁହେଁ ବୋଲି ସେ କହିଥିଲେ। ସ୍ୱାଭିମାନ ଅଞ୍ଚଳର ପିଲାମାନେ ଏହାର ସୁଯୋଗ ନେଇ ନିଜ ପାଇଁ ଏକ ସୁନ୍ଦର ଭବିଷ୍ୟତ ଗଢିବେ ବୋଲି ସେ ଆଶା ଓ ବିଶ୍ୱାସ ପ୍ରକଟ କରିଥିଲେ।

ଶୃଙ୍ଖଳା, ପ୍ରତିବଦ୍ଧତା ସହିତ କଠିନ ପରିଶ୍ରମ ଓ ନିଷ୍ଠାର ସହ କାମ କଲେ ସଫଳତାର ମାର୍ଗ ପ୍ରଶସ୍ତ ହୁଏ ବୋଲି ସେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଶିକ୍ଷା ସୌଧରେ ଥିବା ସମସ୍ତ ସୁବିଧାର ଉପଯୋଗ କରି ନିଜର ପ୍ରତିଭାର ବିକାଶ ପାଇଁ କାମ କରିବାକୁ ସେ କହିଥିଲେ ଏବଂ ନିଜ ପରିବାର, ନିଜ ସ୍କୁଲ ଓ ନିଜ ଗାଁ ପାଇଁ ସୁନାମ ଆଣିବାକୁ ପରାମର୍ଶ ଦେଇଥିଲେ। ପିଲାଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଲେ ଯେ ୫–ଟି ଉପକ୍ରମରେ ହାଇସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ ପିଲାମାନଙ୍କ ମନରେ ବଡ ହେବା ପାଇଁ ଆତ୍ମବିଶ୍ୱାସ ସୃଷ୍ଟି କରିଛି। ଅନୁସୂଚିତ ଜାତି ଓ ଜନଜାତି ପିଲାମାନେ ପାଠପଢାଠାରୁ ଖେଳ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ବହୁତ ଭଲ *(ପୃଷ୍ଠା ୭ରେ)*

### ‘ଏକ ଦେଶ–ଏକ ନିର୍ବାଚନ’ ପ୍ରସଙ୍ଗ

## ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରିପୋର୍ଟ ପ୍ରଦାନ କଲେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ



**ନୂଆଦିଲ୍ଲୀ, ୧୪/୩**

ଦେଶରେ ଏକକାଳୀନ ନିର୍ବାଚନ କରାଇବା ପ୍ରସଙ୍ଗରେ ରୋଡମ୍ୟାପ ପ୍ରସ୍ତୁତ କରିବାକୁ ସରକାର ଗଠନ କରିଥିବା କମିଟି ଗୁରୁବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଏହାର ଚୂଡାନ୍ତ ରିପୋର୍ଟ ପ୍ରଦାନ କରିଛନ୍ତି। ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଏହି ଉଚ୍ଚ ସ୍ତରୀୟ କମିଟି ୧୮, ୬୨୬ ପୃଷ୍ଠାର ପୋର୍ଟ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପ୍ରଦାନ କରିଛନ୍ତି।

୨୦୨୩ ସେପ୍ଟେମ୍ବର ୨ରେ ଏହି କମିଟି ଗଠନ ହୋଇଥିଲା । ୧୯୧ ଦିନ ଧରି ଏହି କମିଟି ଗୋଟିଏ ଦେଶ ଗୋଟିଏ ନିର୍ବାଚନକୁ ନେଇ ଅନୁଧ୍ୟାନ କରିଥିଲା । ଗୋଟିଏ ଦେଶ ଗୋଟିଏ ନିର୍ବାଚନ ନେଇ କମିଟି ବିଭିନ୍ନ ଦିଗ ଉପରେ ତର୍ଜମା କରି ଏହି ରିପୋର୍ଟ ପ୍ରସ୍ତୁତ କରିଛି । ଗୋଟିଏ ନିର୍ବାଚନ ନେଇ ବୁଦ୍ଧିଜୀବୀଙ୍କ ଠାରୁ ଆରମ୍ଭ *(ପୃଷ୍ଠା ୭ରେ)*





# ଚୋରି ସାମଗ୍ରୀ କିଣି୨ ବ୍ୟବସାୟୀ ଥାନାରେ ଅଟକ

**ଆନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ଆନନ୍ଦପୁର ଘସିପୁରା ନିର୍ବାଚନ ମଣ୍ଡଳୀ ରାମଚନ୍ଦ୍ରପୁର ଥାନା ଆଖପାଖ ଅଞ୍ଚଳରୁ ଚୋରି ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ରାମଚନ୍ଦ୍ରପୁର ପୋଲିସ ଗିରଫ କରି ଜେରା କରିବା ପରେ ଚୋରି ସାମଗ୍ରୀ ଘସିପୁରାର ଦୁଇ ବିଶିଷ୍ଟ ବ୍ୟବସାୟୀଙ୍କୁ ବିକିବା ଅଭିଯୋଗରେ ଉଭୟ ବ୍ୟବସାୟୀଙ୍କୁ ଥାନାକୁ ଆଣି ଜେରା କରିଛି ପୋଲିସ । ବିଶିଷ୍ଟ ସୁନା ବ୍ୟବସାୟୀ ଦାମୋଦର ସାହୁ ଏବଂ ଘସିପୁରା ଚେକ୍ ଗେଟ୍ ନିକଟ ଦୋକାନୀ ମଦନ ମୋହନ ସାହୁଙ୍କୁ ସୁନା ଓ ପିତ୍ତଳ ଚୋରି ସାମଗ୍ରୀ କିଣିବା ଅଭିଯୋଗରେ ଜେରା କରାଯାଇଛି ବୋଲି ଗଣମାଧ୍ୟମକୁ ପୋଲିସ ସୂଚନା ଦେଇଛନ୍ତି ।

# ୯୧୦ ନବୀନ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ବ୍ଲକ୍ ଅଧୀନରେ ୯୧୦ ଜଣଙ୍କୁ ନୂତନ ନବୀନ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରାଯାଇଛି । ଜାରକା ସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ୍ ପରିସରରେ ଏହି କାର୍ଡବଣ୍ଟନ ଉତ୍ସବରେ ବିଡ଼ିଓ ଦେବେନ୍ଦ୍ର ପ୍ରସାଦ ବଳ ସଭାପତିତ୍ୱ କରିଥିଲେ । ଉତ୍ସବରେ ଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ କାର୍ଡ ବଣ୍ଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଉପାଧ୍ୟକ୍ଷ ବିଶ୍ୱବିଜୟିନୀ ମିଶ୍ର, ଜିଲ୍ଲାପରିଷଦ ସଭ୍ୟ ଜଳଧର ମହାନ୍ତି, ସ୍ମୃତିରେଖା ବେହେରା, ପ୍ରଣତିଲେଙ୍କା ଯୋଗଦେଇଥିଲେ । ବ୍ଲକର ୪୫ ପଞ୍ଚାୟତରୁ ୩୦୦୨ ଜଣ ଆବେଦନ କରିଥିବା ବେଳେ ୯୧୦ ଜଣ ଏଥିପାଇଁ ଯୋଗ୍ୟ ହୋଇଛନ୍ତି । କାର୍ଯ୍ୟକ୍ରମରେ ସମସ୍ତ ପଞ୍ଚାୟତ ପ୍ରତିନିଧି ଓ ଅଧିକାରୀ ଉପସ୍ଥିତ ଥିଲେ ।



# ସ୍ୱଚ୍ଛ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ସଂପାଦନ ପାଇଁ ଜିଲ୍ଲାପାଳଙ୍କ ପରାମର୍ଶ

**ବାଲେଶ୍ୱର, ନ୍ୟୁଜ୍**



ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଶୀଷ ଠାକରେଙ୍କ ତତ୍ତ୍ୱାବଧାନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନିର୍ବାଚନ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଆଲୋଚନା କରିବା ପାଇଁ ରାଜନୈତିକ ଦଳଗୁଡ଼ିକ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ନିରଞ୍ଜନ ବେହେରା, ବାଲେଶ୍ୱର ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ନୀଳଗିରି ଉପଜିଲ୍ଲାପାଳ ମନ୍ଦରଧର ମହାଳିକ, ଅତିରିକ୍ତ ଉପଜିଲ୍ଲାପାଳ ଶୁଭଶ୍ରୀ ରଥ ଓ ପ୍ରମୁଖ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ । ବିଭିନ୍ନ ବର୍ଗର ବୁଥ୍, ସହାୟକ (ଅଗଜିଲାରି) ବୁଥ୍ ସୃଷ୍ଟି, ରାଜନୈତିକ ଦଳଙ୍କର ବି.ଏଲ.ଏଙ୍କ ସମ୍ପ୍ରତି ତାଲିକା, ରାଜ୍ୟ ସଭାପତିଙ୍କ ଠାରୁ ପ୍ରାଧିକରଣ ପତ୍ରର ବ୍ୟବସ୍ଥା, ସୁବିଧା ପୋର୍ଟାଲ୍, ନିର୍ବାଚନ ଅନୁମତି ଏବଂ ଭୋଟର ଟର୍ନଆଉଟ ମନିଟରିଂ ଭଳି ଆଇସିଟି ପ୍ରୟୋଗ ଗୁଡ଼ିକର ବ୍ୟବହାର, ଭୋଟର ମାନଙ୍କୁ ପ୍ରଭାବଶାଳୀ ଭାବରେ ଶିକ୍ଷିତ ତଥା ଜଡିତ କରିବା ପାଇଁ ନିର୍ବାଚନ ପ୍ରଦର୍ଶନ କେନ୍ଦ୍ର ଏବଂ ମୋବାଇଲ ପ୍ରଦର୍ଶନ ଯାନର ଭୂମିକା ଏବଂ ନିୟୋଜନ ଉପରେ ବିଶେଷ ଆଲୋଚନା କରାଯାଇଥିଲା । ନିର୍ବାଚନ ପ୍ରକ୍ରିୟାରେ ଭୋଟରମାନେ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥିବାରୁ ସେମାନଙ୍କୁ ସର୍ବଶ୍ରେଷ୍ଠ ଗୁରୁତ୍ୱ ଦିଆଯିବା ସହିତ ସମସ୍ତ ନିର୍ବାଚନୀ ପ୍ରସ୍ତୁତି ଓ ପରିଚାଳନାରେ ତାଙ୍କ ଭାଗିଦାରୀ ଉପରେ ଧ୍ୟାନ ଦିଆଯିବା ଉଚିତ୍ ବୋଲି ଜିଲ୍ଲାପାଳ ମତ ପ୍ରକାଶ କରିଥିଲେ । ନିର୍ବାଚନ ଆଦର୍ଶ ଆଚରଣ ବିଧି ପରିପାଳନ, ଆଇନ୍ ଶୃଙ୍ଖଳା ବ୍ୟବସ୍ଥା, ପୋଲିସ ମୁତୟନ, ପୋଷ୍ଟର ବ୍ୟାନର ମାରିବା ଅନୁମତି ପ୍ରଦାନ ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ କାର୍ଯ୍ୟାବଳୀ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ନିର୍ବାଚନ ପରିଚାଳନା କାର୍ଯ୍ୟରେ କୌଣସି ପ୍ରକାର ତ୍ରୁଟି ପାଇଁ କ୍ଷମା ନାହିଁ ତେଣୁ ସେଥି ସକାଶେ ପ୍ରତ୍ୟେକ କାର୍ଯ୍ୟ ପାଇଁ ନିର୍ଦ୍ଧାରିତ ନିୟମ ରହିଛି ତାକୁ ସେହି ଅନୁଯାୟୀ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦିଆଯାଇଛି । ପରିଶେଷରେ ଶ୍ରୀ ଠାକରେ ଉପସ୍ଥିତ ସମସ୍ତ ରାଜନେତା ଏବଂ ଅଧିକାରୀଗଣଙ୍କୁ ଆଗାମୀ ନିର୍ବାଚନ ସ୍ୱଚ୍ଛ ଓ ଶାନ୍ତିପୂର୍ଣ୍ଣ ଭାବରେ ସମ୍ପାଦନା କରିବା ପାଇଁ ପରାମର୍ଶ ଦେଇଥିଲେ ଏବଂ ନିର୍ବାଚନକୁ ସ୍ୱଚ୍ଛ ଭାବେ ସମ୍ପାଦନା କରାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

# ବେଦାନ୍ତ ଆଲୁମିନିୟମ ବାଳିକାମାନଙ୍କୁ ସଶକ୍ତ କରିବା ପାଇଁ ପ୍ରକଳ୍ପ 'ପଂଛି'କୁ ବିସ୍ତାର କରିଛି

**ସୁନ୍ଦରଗଡ଼, ନ୍ୟୁଜ ବ୍ୟୁରୋ**

ବେଦାନ୍ତ ଆଲୁମିନିୟମ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ଓଡ଼ିଶାର ସୁନ୍ଦରଗଡ଼ରେ ପ୍ରକଳ୍ପ ପଂଛିର ଶେଷ ପର୍ଯ୍ୟାୟକୁ ଗ୍ରହଣ କରିଛି । ଏହାର ଚେୟାରମ୍ୟାନ ଅନୀଲ ଅଗ୍ରୱାଲଙ୍କ ଦୂରଦୃଷ୍ଟି ସଂପନ୍ନ ପ୍ରକଳ୍ପ ପଂଛି ହେଉଛି ଏକ ଅଭିନବ କର୍ପୋରେଟ ନିଯୁକ୍ତି ଅଭିଯାନ ଯାହା ବିଭିନ୍ନ ବ୍ୟବସାୟରେ ଭାରତର ଆର୍ଥିକ ପଛୁଆ ବର୍ଗର ୧୦୦୦ ବାଳିକାଙ୍କୁ ନିଯୁକ୍ତି ଦେବା ଲକ୍ଷ୍ୟ ରଖିଛି । ଆର୍ଥିକ ଓ ସମାଜିକ ପ୍ରତିବନ୍ଧକ ଯୋଗୁ ଝିଅମାନଙ୍କ ଶିକ୍ଷାଗତ ଓ ରୋଜଗାର ଆବଶ୍ୟକତାକୁ ସମାଧାନ କରିବା ଉପରେ ବେଦାନ୍ତ ଧ୍ୟାନ ପ୍ରଦାନ କରୁଛି । ଝିଅମାନଙ୍କୁ ଶିକ୍ଷା କ୍ଷେତ୍ରରେ ସଶକ୍ତ କରାଇ ନିଯୁକ୍ତି ଦେବା ଲକ୍ଷ୍ୟ ରଖିଛି । ଏହି ପ୍ରକଳ୍ପର ଶେଷ ପର୍ଯ୍ୟାୟରେ ସୁନ୍ଦରଗଡ଼ ଜିଲ୍ଲାରୁ ୧୬ ଜଣ ବାଳିକାଙ୍କୁ ଚୟନ କରାଯାଇଛି । ଦାଶରଥୀ ସାରାବୁ, ଉପଜିଲ୍ଲାପାଳ, ସଦର, ସୁନ୍ଦରଗଡ଼ ଓ ଭି. ଶ୍ରୀକାନ୍ତ ସିଇଓ (ମାଇନସ), ବେଦାନ୍ତ ଆଲୁମିନିୟମ ଦ୍ୱାରା ଏହି ନିଯୁକ୍ତି ପତ୍ର ବିତରଣ କରାଯାଇଥିଲା । ବର୍ତ୍ତମାନ ପର୍ଯ୍ୟନ୍ତ ଲାଂଜିଗଡ଼, ଝାରସୁଗୁଡ଼ା ଓ ଛତିଶଗଡ଼ରୁ ୨୦୦ରୁ ଅଧିକ ଉପଯୁକ୍ତ ବାଳିକାଙ୍କୁ ଚୟନ କରାହୋଇଛି । ମନୋନୀତ ପ୍ରାର୍ଥୀଙ୍କୁ ଉଚ୍ଚ ଶିକ୍ଷା ଲାଗି ରାଷ୍ଟ୍ରୀୟ ସ୍ତରର ଶିକ୍ଷାନୁଷ୍ଠାନରେ ଶିକ୍ଷାଲାଭ ପାଇଁ ସୁଯୋଗ ସହ ସେମାନଙ୍କର ସଫଳତାର ସହ ଗ୍ରାଜୁଏଟ ଡିଗ୍ରୀ ପରେ ମ୍ୟାନେଜମେଣ୍ଟ ଟ୍ରେନି ଭାବରେ ନିଯୁକ୍ତି ଦିଆଯିବ । ଏହି ଅବସରରେ ଭି. ଶ୍ରୀକାନ୍ତ ସିଇଓ (ମାଇନସ), ବେଦାନ୍ତ ଆଲୁମିନିୟମ କହିଛନ୍ତି ଯେ ବେଦାନ୍ତ ଆଲୁମିନିୟମର ପ୍ରକଳ୍ପ ପଂଛି




ମହିଳା ସଶକ୍ତିକରଣ ଦିଗରେ ଆମ ପ୍ରତିବଦ୍ଧତାର ପ୍ରମାଣ । ଏକ ସମାନ ସୁଯୋଗ ସୃଷ୍ଟି କରିବାକୁ ଆମର ଚେୟାରମ୍ୟାନଙ୍କ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତାଧାରା ଝିଅମାନଙ୍କର କେବଳ ଉଚ୍ଚ ଶିକ୍ଷା ଅର୍ଜନ ପାଇଁ ନୁହେଁ ବରଂ ସେମାନଙ୍କୁ ଏକ ସଫଳ କ୍ୟାରିୟର ନିର୍ମାଣରେ ସହାୟକ ହେବ । ଦାଶରଥୀ ସରାବୁ, ଓଏଏସ୍, ସବ୍ କଲେକ୍ଟର, ସଦର, ସୁନ୍ଦରଗଡ ପ୍ରକାଶ କରିଛନ୍ତି, "ମୁଁ ସେମାନଙ୍କ ଜୀବନରେ ଏକ ନୂତନ ଅଧ୍ୟାୟ ଆରମ୍ଭ କରିଥିବାରୁ ମନୋନୀତ ପ୍ରାର୍ଥୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ପ୍ରୋଜେକ୍ଟ ପଂଛି ପରି ଏଭଳି ପଦକ୍ଷେପ ଆରମ୍ଭ କରିଥିବାରୁ ମୁଁ ବେଦାନ୍ତକୁ ପ୍ରଶଂସା କରୁଛି ଏବଂ ଭବିଷ୍ୟତରେ ଏହାକୁ ଆମର ସମସ୍ତ ଗ୍ରାମକୁ ବିସ୍ତାର କରିବାକୁ ଅନୁରୋଧ କରୁଛି। ମନୋନୀତ ଛାତ୍ରୀଙ୍କ ମଧ୍ୟରୁ ଜଣେ ଅଭିଭାବକ ବେନୁ ମେହେର କହିଛନ୍ତି ଏହି ଉଲ୍ଲେଖନୀୟ ପଦକ୍ଷେପ ପାଇଁ ମୁଁ ବେଦାନ୍ତକୁ ମୋର କୃତଜ୍ଞତା ଜଣାଉଛି । ଆମ ଜିଲ୍ଲାର ଝିଅମାନଙ୍କୁ ଉଚ୍ଚଶିକ୍ଷା, ଦକ୍ଷତା କୌଶଳ ଓ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରିବାକୁ ଉତ୍ସାହିତ କରିବ । ନିଯୁକ୍ତି ଡ୍ରାଇଭ ଅଂଶ ଭାବରେ ମନୋନୀତ ହୋଇଥିବା ବାଳିକାମାନଙ୍କ ମଧ୍ୟରୁ ଲକ୍ଷ୍ମୀ ପ୍ରଧାନ କହିଛନ୍ତି ଯେ ପ୍ରକଳ୍ପ ପଂଛି ପରି ପଦକ୍ଷେପର କଳ୍ପନା ଓ ସମର୍ଥନ ଲାଗି ମୁଁ ବେଦାନ୍ତ ଆଲୁମିନିୟମକୁ ମୋର ଅଶେଷ କୃତଜ୍ଞତା ଜଣାଉଛି । ଭବିଷ୍ୟତ ପାଇଁ ବେଦାନ୍ତ ମୋର କ୍ୟାରିୟର ଗଠନରେ ମୂଲ୍ୟବାନ ସହଯୋଗ କରୁଛି । ବେଦାନ୍ତ ଆଲୁମିନିୟମ ମାଇନିଂ ବ୍ୟବସାୟ ଗୋଷ୍ଠୀ ବିକାଶ ଦିଗରେ କାର୍ଯ୍ୟ କରୁଛି । ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା, ଗ୍ରାମ୍ୟ ଭିତ୍ତିଭୂମି, କ୍ରୀଡ଼ା ଓ ସଂସ୍କୃତିର ପ୍ରସାର ମାଧ୍ୟମରେ ଗୋଷ୍ଠୀ ବିକାଶ ପାଇଁ କାର୍ଯ୍ୟ କରୁଛି । ଏହାର ଉଲ୍ଲେଖନୀୟ କାର୍ଯ୍ୟକ୍ରମ ହେଉଛି ଆଧୁନିକୀ ଅଙ୍ଗନବାଡ଼ିର ନୂଆ ରୂପ ନନ୍ଦଘର ଏହା ଗର୍ଭବତୀ ମହିଳା, ଶିଶୁ କଲ୍ୟାଣ ଦିଗରେ କାର୍ଯ୍ୟ କରୁଛି । ଗ୍ରାମାଞ୍ଚଳରେ ଗୁଣମାନର ସ୍ୱାସ୍ଥ୍ୟସେବା ଯୋଗାଇ ଜୀବନରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ସହାୟତା କରୁଛି । ସ୍ଥାନୀୟ କର୍ତ୍ତୃପକ୍ଷ, କଲ୍ୟାଣକାରୀ ସଂଗଠନ ଓ ଗୋଷ୍ଠୀ ସଦସ୍ୟଙ୍କ ସହ ମିଳିତ ହୋଇ ସହଯୋଗ ମାଧ୍ୟମରେ ବେଦାନ୍ତ ଆଲୁମିନିୟମ ଗ୍ରାମୀଣ ଓଡ଼ିଶାର ବିକାଶରେ ସକ୍ରିୟ ଭୂମିକା ଗ୍ରହଣ କରିଛି ।

# ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ:ପ୍ରାଥମିକ ଶିକ୍ଷକ ସଂଘ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ଦୀର୍ଘ ବର୍ଷ ହେଲା ସେମାନଙ୍କର ୩ ଦଫା ନାର୍ଯ୍ୟ ଦାବି ପୂରଣ କରିବା ପାଇଁ ଶାନ୍ତିପୂର୍ଣ୍ଣ ଭାବେ ରାଜ୍ୟ ସରକାରଙ୍କୁ ଜଣାଇ ଆସୁଛନ୍ତି । ଏନେଇ ରାଜ୍ୟ ସଂଘ ତରଫରୁ ରାଜ୍ୟ ସରକାରଙ୍କ ନିକଟରେ ଅଭିଯୋଗ ଆପତ୍ତି କରୁଥିବା ବେଳେ ସରକାର ଏହାକୁ ହେୟଜ୍ଞାନ କରି ଦୃଷ୍ଟି ଦେଉନାହାଁନ୍ତି । ରାଜ୍ୟ କ୍ୟାବିନେଟ୍ ବୈଠକରେ ପ୍ରାଥମିକ ଶିକ୍ଷକ ମାନଙ୍କୁ ପ୍ରତାରିତ କରାଯାଇଥିବା ଜିଲ୍ଲା ସମ୍ପାଦକ ଅକ୍ଷୟ କୁମାର ପୋଥାଳ, ଉପଦେଷ୍ଟା ବିପିନ ବିହାରୀ ପାତ୍ର ନିନ୍ଦା କରିଛନ୍ତି । ରାଜ୍ୟ ସରକାର ଦାବି ପୂରଣ ବଦଳରେ କ୍ୟାଡର ସଂଶୋଧନକୁ ମଞ୍ଜୁର ପ୍ରଦାନ କରିଛନ୍ତି । ଯାହାଫଳରେ ୧୦ ପ୍ରତିଶତ ଶିକ୍ଷକ ଉପକୃତ ହେବେ । ୯୦ ପ୍ରତିଶତ ଶିକ୍ଷକ କୌଣସି ଲାଭ ପାଇବେନାହିଁ । ଏଣୁ ଏହାକୁ ବିରୋଧ କରି ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ, ଉପ ସଭାପତି ନରେଶ କୁମାର ପାତ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହି ପ୍ରସ୍ତାବରେ ଶିକ୍ଷକମାନେ ଖୁସି ନାହାଁନ୍ତି ବୋଲି ରାଜ୍ୟ ସରକାରଙ୍କୁ ଜଣାଇଛନ୍ତି । ସରକାରଙ୍କ ଠାରୁ ଏଭଳି ଫଳ ଆଶା କରିନଥିଲୁ । ସରକାରଙ୍କ ନିଷ୍ପତିରେ ଆମେ ଗଭୀର ମର୍ମାହତ । ସରକାର ତୁରନ୍ତ ଏହାକୁ ପ୍ରତ୍ୟାହାର କରି ୩ ଦଫା ନାର୍ଯ୍ୟ ଦାବିକୁ ପୁରଣ କରିବା ପାଇଁ ଅନୁରୋଧ କରିଛନ୍ତି । ଦାବି ପୁରଣ ନହେଲେ ପ୍ରାଥମିକ ଶିକ୍ଷକ ସଂଘ (ପି.ଏସ୍.ଟି.ଏ) ଦୁର୍ବାର ଆନ୍ଦୋଳନକୁ ଓହ୍ଲାଇବ ବୋଲି କହିଛନ୍ତି । କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଦିବାକର ବାରିକ, ସମ୍ପାଦକ ଅକ୍ଷୟ କୁମାର ପୋଥାଳ ତୀବ୍ର ସମାଲୋଚନା କରି କହିଛନ୍ତି, ଦାବି ପୁରଣ ପାଇଁ ହୋଇଥିବା ନିଷ୍ପତିକୁ ପୁନଃ ସଂଶୋଧନ ନକଲେ ଆନ୍ଦୋଳନକୁ ଓହ୍ଲାଇବୁ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଅବାହକ ବିପିନ ବିହାରୀ ପାତ୍ର, ଜିଲ୍ଲା ସହ ସମ୍ପାଦକ ଦାମୋଦର ରାଉତଙ୍କ ସମେତ ହିମାନୀ ମିଶ୍ର, ରାମଚନ୍ଦ୍ର ଆଚାର୍ଯ୍ୟ, ମଙ୍ଗୁଳି ରାଉତ, ମିଲତା ନାୟକ, ସ୍ନେହଲତା ପରିଡା, ବିଭୁ ପ୍ରସାଦ ନାୟକ, କୈଳାସ ଦାସ, ତିଳୋତମା ନାୟକ, ରାଜଲକ୍ଷ୍ମୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।




# ନିଯୁକ୍ତି ପାଇଲେ ୫୧ ଜଣ ନୂଆ ପି.ଇ.ଓ



**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ପାଇଁ ନିଯୁକ୍ତି ପାଇଥିବା ୫୧ଜଣ ନୂଆ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରାଯାଇଛି । ଭଦ୍ରକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ନିଯୁକ୍ତିପତ୍ର ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେଇ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏହି ନବ ନିଯୁକ୍ତି ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରି ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ । ଆଗ୍ରହ ଓ ନିଷ୍ଠାର ସହିତ ନିଜ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ । ଗ୍ରାମାଞ୍ଚଳର ବିକାଶ ପାଇଁ ବିଭିନ୍ନ ସରକାରୀ ଯୋଜନାର ସଫଳ କାର୍ଯ୍ୟକାରିତା ଦିଗରେ ପି.ଇ.ଓ. ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ପ୍ରକାଶ କରିଥିଲେ । ଜିଲ୍ଲା ପଞ୍ଚାୟତ ଅଧିକାରୀ ବଂଶୀଧର ସିଂଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ ଯୋଗଦେଇଥିଲେ । ସୂଚନାଯୋଗ୍ୟକି ଏହି ପଦବୀ ପାଇଁ ଓଡ଼ିଶା ସବ୍ ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ୍ କମିସନ୍ ଦ୍ୱାରା ପରିଚାଳିତ ଯୁଗ୍ମ ପରୀକ୍ଷାରେ ଯୋଗ୍ୟ ବିବେଚିତ ଭଦ୍ରକ ଜିଲ୍ଲାର ୫୪ ଜଣଙ୍କ ମଧ୍ୟରୁ ଏଠାରେ ଉପସ୍ଥିତ ୫୧ ଜଣଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରାଯାଇଥିଲା ।

# ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି:୨୮ ମାମଲା ପଞ୍ଜିକୃତ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାପ୍ରଶାସନ ଦ୍ୱାରା ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ତରଭା ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ସୁବର୍ଣ୍ଣପୁର ଅଶ୍ୱିନୀ କୁମାର ମେହେର, ଉପଜିଲ୍ଲାପାଳ ସୁବର୍ଣ୍ଣପୁର ସୁରଜ କୁମାର ପଟ୍ଟନାୟକ ପ୍ରମୁଖ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୨୮ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ଗୋଟିଏ ଦରଖାସ୍ତ ତୁରନ୍ତ ସମାଧାନ କରାଯାଇଥିବାବେଳେ ଅନ୍ୟ ସମସ୍ତ ଆପତ୍ତି ଅଭିଯୋଗ ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ବିଡିଓ, ତରଭା ଅନିଲ କୁଲୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ଦୈତ୍ୟ ନାରାୟଣ ପାଢ଼ୀ, ସିଏସଓ ସୁରେଶ ପାଣିଗ୍ରାହୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ, ଡିଏସଏସ ଓ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲ୍ଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ରଙ୍କ ସହ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲଦାର ତରଭା, ବ୍ଲକ ସ୍ତରୀୟ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ ।



# ପଦ୍ମଶ୍ରୀ କମଳା ପୂଜାରୀ ପୁଣି ଏସ୍‌ସିବିରେ ଭର୍ତ୍ତି

**କଟକ, ନ୍ୟୁଜ୍ ବ୍ୟୁରୋ**

ପୁଣିଥରେ ଅସୁସ୍ଥ ହୋଇ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଛନ୍ତି ପଦ୍ମଶ୍ରୀ କମଳା ପୂଜାରୀ । ଏକାଧିକ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ହୋଇଥିବା ପଦ୍ମଶ୍ରୀ ପୂଜାରୀଙ୍କର ଭେଷଜ ବିଭାଗ ଆଇସିୟୁରେ ଚିକିତ୍ସା ଆରମ୍ଭ ହୋଇଛି । ତାଙ୍କ ଚିକିତ୍ସା ନିମନ୍ତେ ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷ ଏକ ଡାକ୍ତରୀ ଦଳ ଗଠନ କରିଛନ୍ତି । ପ୍ରଫେସର୍ ଡାକ୍ତର ଜୟନ୍ତ ପଣ୍ଡା, ପ୍ରଫେସର ଡାକ୍ତର ବିଜୟ ବେହେରା, ଡାକ୍ତର ଅରୁଣା ଆର୍ଯ୍ୟ ଏବଂ ପ୍ରଫେସର୍ ଡାକ୍ତର ଅଶୋକ ମଲ୍ଲିକ ଏହି ଦଳରେ ରହିଛନ୍ତି । ପୂର୍ବରୁ କିଡ଼ନୀ ରୋଗରେ ଆକ୍ରାନ୍ତ ହୋଇଥିବା ପଦ୍ମଶ୍ରୀ ପୂଜାରୀଙ୍କର ମୂତ୍ରାଶୟ ସଂକ୍ରମଣ ହୋଇଛି । ସେ ରକ୍ତହୀନତାର ମଧ୍ୟ ଶିକାର ହୋଇଛନ୍ତି । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି ପ୍ରଫେସର୍ ଡାକ୍ତର ପଣ୍ଡା ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ମେୟର ସୁବାସ ସିଂହ ଏସ୍‌ସିବିରେ ପଦ୍ମଶ୍ରୀ ପୂଜାରୀଙ୍କୁ ଭେଟିବା ସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ । ପ୍ରକାଶଥାଉକି, ସୋମବାର ପଦ୍ମଶ୍ରୀ ପୂଜାରୀ ହଠାତ୍ ଅଚେତ ହୋଇପଡ଼ିବା ଯୋଗୁଁ ତାଙ୍କୁ ଜୟପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ କଟକ ବଡ଼ ମେଡିକାଲ ଅଣାଯାଇଥିଲା । ମଙ୍ଗଳବାର ସକାଳେ ସେ ଏସ୍‌ସିବିରେ ପହଞ୍ଚିଥିଲେ । ଏସସିବି କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଡାକ୍ତରୀ ଦଳ ଗଠନ କରିବା ସହ ପଦ୍ମଶ୍ରୀ ପୂଜାରୀଙ୍କ ଚିକିତ୍ସା ନିମନ୍ତେ ସମସ୍ତ ବନ୍ଦୋବସ୍ତ କରିଥିଲେ । ତେବେ ଗତ ଜାନୁଆରୀ ପ୍ରଥମ ସପ୍ତାହରେ ସେ ଅସୁସ୍ଥ ହୋଇ ଏସ୍‌ସିବିକୁ ଆସିଥିଲେ । ୪ ଦିନ ଧରି ଏଠାରେ ଚିକିତ୍ସିତ ହେବା ପରେ ସୁସ୍ଥ ହୋଇ ଫେରିଥିଲେ ।

# ବାରଙ୍ଗ (ତ୍ରିଶୂଳିଆ) ବସ୍‌ଷ୍ଟାଣ୍ଡ ଉଦ୍‌ଘାଟିତ

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ଆମ ବସ୍‌ଷ୍ଟାଣ୍ଡ ଯୋଜନାରେ ବାରଙ୍ଗ ତ୍ରିଶୂଳିଆ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟିତ ହୋଇଯାଇଛି । ଜନଗହଳିପୂର୍ଣ୍ଣ ତ୍ରିଶୁଳିଆ ଠାରେ ୨ ଏକର ୩ ଡିସିମିଲ ଜାଗାରେ ୧୩ କୋଟି ଟଙ୍କା ବିନିମୟରେ ବାଣିଜ୍ୟ ଓ ପରିବହନ ବିଭାଗ ତରଫରୁ ଏହି ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ବାରଙ୍ଗ ବିଡିଓ ଧର୍ମରଞ୍ଜନ ପଣ୍ଡା, ତହସିଲଦାର ପ୍ରମୁଖ ଉପସ୍ଥିତ ରହି ଏହି ବାରଙ୍ଗ ତ୍ରିଶୂଳିଆ ବସ୍‌ଷ୍ଟାଣ୍ଡ ଶୁଭାରମ୍ଭ କରିଥିଲେ । ଏହି ବସ୍‌ଷ୍ଟାଣ୍ଡ ଦ୍ୱାରା ବାରଙ୍ଗ ଅଞ୍ଚଳବାସୀଙ୍କ ଗମନାଗମନ ବେଶ୍ ସହାୟକ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ଓ କବିତା ପାଠୋତ୍ସବ



**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଏକାଦଶତମ ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସ ଉପଲକ୍ଷେ ଏକ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପରିଷଦ ଓ ମୟୂରଭଞ୍ଜ ସାହିତ୍ୟ ପରିଷଦର ମିଳିତ ଆନୁକୁଲ୍ୟରେ ଆୟୋଜିତ ହୋଇଯାଇଛି । କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦିଗ୍‌ଦର୍ଶନ ଓ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପରିଷଦର ସଭାପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ସଭାପତିତ୍ୱ କରିଥିଲେ । ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ । ମୟୂରଭଞ୍ଜ ସାହିତ୍ୟ ପରିଷଦର ଉପସଭାପତି ସୁଶ୍ରୀ କାବେରୀ ମିଶ୍ର, ଯୁଗ୍ମ ସମ୍ପାଦିକା ବାସନ୍ତୀଲତା ମହାପାତ୍ର ଓ କୋଷାଧ୍ୟକ୍ଷ ସମରେନ୍ଦ୍ର ବସା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପରିଷଦର ସମ୍ପାଦକ ଡ. ବିଚିତ୍ରନାଥ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପରିଷଦର ସହ-ସଂପାଦକ ଡ. ସ୍ୱରୂପାନନ୍ଦ ବିଷୟୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଆମନ୍ତ୍ରିତ ଅତିଥିଗଣଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଗୌରବମୟ ଆମ ଓଡ଼ିଆ ଭାଷା ଶୀର୍ଷକ ଏକ ଆଲୋଚନାଚକ୍ରରେ ବକ୍ତାଗଣ ଆଲୋଚନା କରିଥିଲେ । ଏହି ଅବସରରେ ଋତୁରାଜ ବସନ୍ତ ଭାବକୁ ନେଇ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଛାତ୍ରଛାତ୍ରୀ ଏବଂ ବାରିପଦା ସହରର ବିଭିନ୍ନ ସାହିତ୍ୟ ଅନୁଷ୍ଠାନରୁ ଆଗତ କବି/କବୟିତ୍ରୀ ମାନଙ୍କ ଦ୍ୱାରା ଏକ କବିତା ପାଠୋତ୍ସବ ଅନୁଷ୍ଠିତ କରାଯାଇଥିଲା । ଏହି ପାଠୋତ୍ସବରେ ଅଂଶଗ୍ରହଣ କରିଥିବା କବିମାନେ ହେଲେ ଅଜିତ କୁମାର କବାଟ, ଜୟନ୍ତ କୁମାର ଦ୍ୱାରୀ, ସତୀଶଚନ୍ଦ୍ର ବେହେରା, ବୀଣାପାଣି ପଣ୍ଡା, ନରସିଂହ ବାରିକ, ବନମାଳୀ ପାତ୍ର, ଜ୍ୟୋତ୍ସ୍ନାରାଣୀ ତିଆଡ଼ି, ମୋନାଲିସା ମହାପାତ୍ର, ଡ. ସଞ୍ଜୀବ କୁମାର ପାଣିଗ୍ରାହୀ, ମୋନିକା ପଣ୍ଡା, ଅଜୟ କୁମାର ପାଳ, ସୁଧାମୟୀ ଦାସ, ଭାଗବତ ପଣ୍ଡା, ମିତାରାଣୀ ସାହୁ, ନିରୁପମା ମହାନ୍ତ, ଡ. ଗାୟତ୍ରୀ ଦେ, ଭାସ୍ୱତୀ ପଣ୍ଡା ଓ ଡ. ଶଶିଧର ବିଶ୍ୱାଳ ଏହି କାର୍ଯ୍ୟକ୍ରମକୁ ସ୍ନାତକୋତ୍ତର ଓଡ଼ିଆ ବିଭାଗର ଅଧ୍ୟାପିକା ଡ. ବିନ୍ଧେଶ୍ୱରୀ କଳିଆ ଏବଂ ସଂଯୁକ୍ତ ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷକ ଶିକ୍ଷା ପାଠ୍ୟକ୍ରମର ଅଧ୍ୟାପକ ସ୍ନେହାଶିଷ ମହାନ୍ତି ସଂଯୋଜନା କରିଥିଲେ । ସ୍ନାତକୋତ୍ତର ଓଡ଼ିଆ ବିଭାଗର ଅଧ୍ୟାପକ ରାଜକୁମାର ପାତ୍ର, ହୃଶୀକେଶ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ ଓ ଶେଷରେ ତୁହି ମା' ଜନମ ଭୂମି ସଙ୍ଗୀତ ଗାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜର ଅନେକ ସାହିତ୍ୟିକ, ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ ।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୪ / ୩ରା | ୨ବୃ | ୧ ଚନ୍ଦ୍ରଗୁରୁ / ଶୁକ୍ର ୧୨ |
| ୫ | ୩ / ୨ | ୧୧ |
| ୬ / ୭କେ | ୮ | ୯ / ୧୦ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୧୫।୩।୨୦୨୪, ଚୈତ୍ର ଦ୨ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୦୫।୫୫।୫୩ ଚନ୍ଦ୍ରୋଦୟ- ଦିଘ୯।୨୭।୧୧**

ଷଷ୍ଠୀ - ରାଘ ୧୦।୧୦ ପର୍ଯ୍ୟନ୍ତ । କୃତିକା ନକ୍ଷତ୍ର- ଦିଘ ୪।୦୯ ପର୍ଯ୍ୟନ୍ତ । **ବୃଷ ଚନ୍ଦ୍ର** - ଅହୋରାତ୍ର । **ଚନ୍ଦ୍ର ଶୁଦ୍ଧି**- ମେଷ, ବୃଷ, କର୍କଟ, ସିଂହ କନ୍ୟା, ଧନୁ, ମକର ଓ ମୀନ ରାଶିର । **ଘାତଚନ୍ଦ୍ର**- ବିଛା ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ**- ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ**- ନିମ୍ବ ରାଘ ୧୦।୧୦ ପରେ ତାଳ ଖାଇବା ମନା । **ଆଜିର ଶୁଭବେଳା**- ପ୍ରାଘ ୫।୫୮ ଗତେ ଘ ୬।୪୬ ମଧ୍ୟେ, ଦିଘ ୧୨।୨୦ ଗତେ ଘ ୨।୪୨ ମଧ୍ୟେ ।



**ମେଷ:** ବ୍ୟାକୁଳିତ ହେବେ । ତଥାପି କୌଣସି କାର୍ଯ୍ୟ କରିବା କଷ୍ଟସାଧ୍ୟ । ପରିବାରରେ ଅଯଥା ଅଶାନ୍ତି ମନକୁ ଭାରାକ୍ରାନ୍ତ କରିବ । ଆୟ ଓ ବ୍ୟୟ ସମାନ ରହିବ । ଦୂର ଯାତ୍ରା କରିପାରନ୍ତି ।



**ବୃଷ:** ପର ଉପକାର କରି ଆନନ୍ଦିତ ଅନୁଭବ କରିବେ । ବହୁ ଜନ ପ୍ରଶଂସିତ ହେବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । କୌଣସି ନୂତନ କାର୍ଯ୍ୟରେ ମନ ନିବେଶ କରିବେ । ଗୃହେ ଶାନ୍ତି ଲାଭ ।



**ମିଥୁନ:** ମନରେ ସରସତା ଆସିବ । କିନ୍ତୁ ଅପରାହ୍ନେ ଦୁର୍ଶ୍ଚିନ୍ତାର ପରିମାଣ ବଢ଼ିବ । ଆୟ ଠାରୁ ବ୍ୟୟର ପରିମାଣ ସମାନ ରହିବ । ଦେହ ଭଲ ରହିବ । ପରିବାରରେ ସୁଖ ଶାନ୍ତି ମିଳିବ । ଦେହ ଭଲ ରହିବ ।



**କର୍କଟ:** ପାରିବାରିକ ସୁଖ ଶାନ୍ତି ଲାଭ କରିବେ । ଦୂରଯାତ୍ରା କରିପାରନ୍ତି । ଆମୋଦ ପ୍ରମୋଦ ମଧ୍ୟରେ ଦିନଟି ବିତିବ । ଆୟ ବୃଦ୍ଧି ହେବ । କର୍ମକ୍ଷେତ୍ରରେ ସଫଳତା ଦେଖାଦେବାର ସୂଚନା । ବନ୍ଧୁ ଦର୍ଶନ ।



**ସିଂହ:** କାର୍ଯ୍ୟକ୍ଷେତ୍ରରେ ସହଯୋଗ ଲାଭ ହେବ । ବାକିଥିବା କାର୍ଯ୍ୟରେ ଅଗ୍ରଗତି ଦେଖାଦେବ । ସର୍ବଦା କର୍ମଚଞ୍ଚଳ ରହିବେ । ରୋଜଗାର ବଢ଼ିବ । ଘରେ ସମସ୍ତେ ଖୁସିରେ ରହିବେ । ମହିଳାମାନେ ସୁଖୀ ହେବେ ।



**କନ୍ୟା:** ହିସାବପତ୍ର କାମରେ ନିଜକୁ ନିୟୋଜିତ କରିବେ । ପଠନ ଲିଖନ ପରି ପରିସ୍ଥିତି ସୃଷ୍ଟି ହେବ । ପାରିବାରିକ ସହଯୋଗ ମିଳିବ । ଆୟରେ ଅଗ୍ରଗତି ହେବ । ବନ୍ଧୁ ସହଯୋଗ ମଧ୍ୟ ପ୍ରାପ୍ତ ହେବ ।



**ତୁଳା:** ସମସ୍ତଙ୍କ ପ୍ରିୟପାତ୍ର ହେବେ । ପ୍ରଶଂସା ଲାଭ ହେବ । ପାରିବାରିକ ସହଯୋଗ ମିଳିବ। ରୋଜଗାର ଭଲ ହେବ । ପରିଶ୍ରମ କଷ୍ଟ ଅଧିକ ହେଲେ ବି ପ୍ରାଦାନ୍ୟତା ବୃଦ୍ଧି ପାଇବ । ମନ ଖୁସି ରହିବ ।



**ବିଛା:** ପାରିବାରିକ ଜଞ୍ଜାଳ ଦେଖାଦେବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ମନରେ ବିରକ୍ତି ପ୍ରକାଶ ପାଇବ । ଦୁଶ୍ଚିନ୍ତା ବଢ଼ିବାର ସୂଚନା । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହେବ । ଶରୀର ଅସୁସ୍ଥ ରହିବ ।



**ଧନୁ:** ମନୋବଳ ଦୃଢ଼ ହେବ । ସବୁ କାମକୁ ଆଗ୍ରହ ସହକାରେ କରିବେ । ଆୟ ଭଲ ହେବ । ଘରୋଇ ସହଯୋଗ ବୃଦ୍ଧି । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । କଥାର ମୂଲ୍ୟ ବଢ଼ିବ । ଦେହ ଭଲ ରହିବ ।



**ମକର:** ଆଜି ଆପଣ ଜଗିରଖି ଚଳିବେ । ନଚେତ୍ ସମ୍ମାନ ହାନୀ ଘଟିପାରେ । ସହକର୍ମୀ ସହଯୋଗ କରିବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଗୃହେ ଆଶ୍ୱସ୍ତି ଲାଭ ହେବ । ମହିଳାମାନେ ଗର୍ବୀ ହେବେ ।



**କୁମ୍ଭ:** କଥା ଦେଇଥିବା ବନ୍ଧୁଟି ଆପଣଙ୍କୁ ଠକିବା ପାଇଁ ଚେଷ୍ଟା କରିବେ । ପ୍ରତାରିତ ହେବାର ଆଶଙ୍କା । ଏଣୁ ସରଳତା ପରିହାର କଲେ ଭଲ । ଆୟ ଠାରୁ ବ୍ୟୟର ପରିମାଣ ବଢ଼ିବ । ଘରେ ଆନନ୍ଦ ଦେଖାଦେବ ।



**ମୀନ:** କର୍ମକ୍ଷେତ୍ରରେ ପରିଶ୍ରମର ପରିମାଣ ବୃଦ୍ଧି ହେବ । ଆଶାନୁରୂପ ଫଳ ମିଳିବ ନାହିଁ । ପାରିବାରିକ ଶାନ୍ତି ଲାଭ ହେବ । ରୋଜଗାର ଭଲ ହେବ । ମହିଳାମାନେ ସୁଖୀ ହେବେ । ଦେହ ଭଲ ରହିବାର ସୂଚନା ।



# ସୋନପୁରରେ ମଡ଼େଲ ମାର୍କେଟ୍ କମ୍ପ୍ଲେକ୍ସର ଶିଳାନ୍ୟାସ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୋନପୁର ନଳିନୀ ଛକ ଠାରେ ଡୁଙ୍ଗୁରିପାଲି ଆରଏମ୍‌ସି ତରଫରୁ ୨୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁଥିବା ମଡେଲ ମାର୍କେଟ କମ୍ପ୍ଲେକ୍ସକୁ ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ସାଂସଦୀୟ ବ୍ୟାପର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ଆୟୋଜିତ ସଭାରେ ଜିଲ୍ଲାପାଳ ଅନ୍ୟା ଦାସ, ପୌରପରିଷଦ ଅଧ୍ୟକ୍ଷା ତାମସୀ ତାମସ୍ମିତା ନାଏକ, ପୂର୍ତ୍ତ ବିଭାଗର ଅଧ୍ୟକ୍ଷଣ ଯନ୍ତ୍ରୀ ଇଂ ଦାମୋଦର କୈବର୍ତ୍ତ, ତହସିଲଦାର ସୌମ୍ୟ ରୂପା ରଥ ଯୋଗଦେଇ ଜିଲ୍ଲାର ସମସ୍ତ କୃଷକ ଓ ସାଧାରଣ ଜନତା ଏହି ବଜାରରେ ସୁବିଧା ପାଇପାରିବେ ବୋଲି କହିବା ସହ ଏହି ବଜାର ଜିଲ୍ଲାର କୃଷି ଓ କୃଷକଙ୍କୁ ସଶକ୍ତ କରିବାରେ ବିଶେଷ ସହାୟକ ହେବ । ଏଠାରେ ଫୁଡ ଜୋନ୍, ସିନେପ୍ଲେକ୍ସ, ଗେମ୍ ଜୋନ୍ ମଧ୍ୟ ରହିବ । ଏହା ଅତି ଉନ୍ନତ ମାନର ମାର୍କେଟ କମ୍ପ୍ଲେକ୍ସ ୪ ମହଲା ବିଶିଷ୍ଟ ହେବାକୁ ଥିବାବେଳେ ଯେମିତି ୧୮ ମାସ ସମୟ ସୀମାରେ କାମ ସମ୍ପୂର୍ଣ୍ଣ ହେବ ସେଥିପ୍ରତି ମନ୍ତ୍ରୀ ଯତ୍ନବାନ ରହିବାକୁ କହିଥିଲେ । ବଜାର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ସଭାରେ ନିୟନ୍ତ୍ରିତ ବଜାର କମିଟି ଡୁଙ୍ଗୁରିପାଲିର ସମ୍ପାଦକ ଉଦିତ ବାବୁ ସଂଯୋଜନା କରିଥିଲେ । ସଭାରେ ଜିଲ୍ଲାର ବହୁ ବୁଦ୍ଧିଜୀବୀ, ସଚେତନ ନାଗରିକ, ସ୍ୱୟଂସହାୟକ ମହିଳା, ସୋନପୁର ସହରବାସୀ ଯୋଗଦେଇଥିଲେ ।

୪୨ ଥର ପାଇଁ ରଣଜୀ ଟ୍ରଫି ଜିତିଲା ମୁମ୍ବାଇ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ମୂଲ୍ୟ : ୨.୦୦

8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୪୯ ● ୧୫ ମାର୍ଚ୍ଚ ୨୦୨୪, ଶୁକ୍ରବାର ● ଭୁବନେଶ୍ୱର ● Vol -31 ● Issue-49 ● 15th March 2024, Friday ● Bhubaneswar

Licensed to post without pre-payment of postage No- BN-60/22-24



DSPL-852

ଆମ ଓଡ଼ିଶା
ନବୀନ ଓଡ଼ିଶା

ଓଡ଼ିଶା ସରକାର











'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ'
ଭକ୍ତମାନଙ୍କୁ ଦେଉଛି ଦିବ୍ୟ ଅନୁଭୂତି



ଜଗତ ଦେଖୁଛି ମହାପ୍ରଭୁଙ୍କ ଭବ୍ୟ ରୂପ

- ମନ୍ଦିରର ସୁରକ୍ଷା ଓ ଶାନ୍ତିପୂର୍ଣ୍ଣ ପରିକ୍ରମା ସମ୍ଭବ
- ମନ୍ଦିର ଚାରିପଟେ ୭୫ ମିଟର ଐତିହ୍ୟ କରିଡର ନିର୍ମାଣ
- ୧୦ ମିଟର ଅନ୍ତଃ ପ୍ରଦକ୍ଷଣ ଓ ୮ ମିଟର ବାହ୍ୟ ପ୍ରଦକ୍ଷଣ ମାର୍ଗ ନିର୍ମାଣ

OIPR : 15001/13/0819/2324

ସୂଚନା ଓ ଲୋକସମ୍ପର୍କ ବିଭାଗ

ପ୍ରଶାସନୀୟ
30 YEARS
ସମ୍ବାଦ କଳିକା

# ଗାଁରେ ଦରଦାମ୍ ଚାପ ଅଧିକ

ଶସ୍ୟଭିତ୍ତିକ ଜିନିଷର ମୂଲ୍ୟ ବଢ଼ିଛି। ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକମାନଙ୍କୁ ଅଧିକ ଦାମ୍ ଦେଇ ଜିନିଷ କିଣିବାକୁ ପଡୁଛି। ତାହାର ପ୍ରଭାବରେ ଚଳିତ ବର୍ଷ ଫେବ୍ରୁଆରିରେ ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର ୭.୫୫ ପ୍ରତିଶତ ରହିଛି। ଜାନୁଆରିରେ ମଧ୍ୟ ସମାନ ସ୍ଥିତି ଥିଲା। ତଥ୍ୟ ଅନୁଶୀଳନରୁ ଜଣାପଡ଼ିଛି ଯେ ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳ ଉପରେ ଦରଦାମ୍ର ଅଧିକ ଚାପ ରହିଛି। ଜାନୁଆରିରେ ସ୍ଥିତି ଓଲଟା ଥିଲା। ଜାନୁଆରିରେ ଗ୍ରାମାଞ୍ଚଳର ଖୁଚୁରା ମୁଦ୍ରାସ୍ଫୀତି ହାର ୬.୪୭ ପ୍ରତିଶତ ଥିଲା ଯାହା ଫେବ୍ରୁଆରିରେ ୭.୬୦ ପ୍ରତିଶତକୁ ବୃଦ୍ଧି ପାଇଛି। ସେହି ସମୟରେ ସହରାଞ୍ଚଳର ଖୁଚୁରା ମୁଦ୍ରାସ୍ଫୀତି ହାର ୭.୭୬ ପ୍ରତିଶତରୁ ହ୍ରାସ ପାଇ ୭.୩୨ ପ୍ରତିଶତ ହୋଇଛି।

ଏ ସମ୍ପର୍କରେ ଅର୍ଥନୀତିଜ୍ଞ ପ୍ରଭାସ ମିଶ୍ର କହିଛନ୍ତି ଯେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଖାଦ୍ୟଶସ୍ୟ ଦାମ୍ ଅଧିକ ରହିଛି। କିନ୍ତୁ ଗ୍ରାମାଞ୍ଚଳରେ ଦରଦାମ୍ ବଢ଼ିବା ଅର୍ଥନୀତି ପାଇଁ ଶୁଭଙ୍କର ନୁହେଁ। ସହରାଞ୍ଚଳରେ ଲୋକମାନେ ମୁଖ୍ୟତଃ ପ୍ୟାକେଟ୍ ଖାଦ୍ୟ ଖାଇଥାଆନ୍ତି। ସେଠାରେ ଦର ବଢ଼ିଲେ ମାନୁଫାକ୍ଚରିଂ କ୍ଷେତ୍ର ଉପରେ ଚାପ ରହିଛି ବୋଲି ଧରିନିଆଯାଏ। ଉତ୍ପାଦନ ବଢ଼ିଲେ ସ୍ଥିତିରେ ସୁଧାର ହୋଇଥାଏ। କିନ୍ତୁ ଗ୍ରାମାଞ୍ଚଳରେ ଦରଦାମ୍ ଅଧିକ ରହିବାର ଅର୍ଥ ହେଉଛି କୃଷି କ୍ଷେତ୍ର ଉପରେ ଚାପ ରହିଛି। କୌଣସି ପର୍ବପର୍ବାଣି ନଥିବା ସତ୍ତ୍ୱେ ଗାଁରେ ଦରଦାମ୍ ବଢ଼ିବା ଚିନ୍ତାର ବିଷୟ ବୋଲି ସେ କହିଛନ୍ତି। ସେହିପରି, ଓଡ଼ିଶା ଅର୍ଥନୈତିକ ସଂଘର ସଚିବ ଅମରେନ୍ଦ୍ର ଦାସ କହିଛନ୍ତି ଯେ ରାଜ୍ୟର ଗ୍ରାମାଞ୍ଚଳରେ କମ୍ ଫଳ ଓ ପନିପରିବା ଉତ୍ପାଦନ ହେଉଛି। ସେଥିପାଇଁ ଆମକୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ଲାଗି ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ମାତ୍ର ବାହାରେ ରହି କାମ କରୁଥିବା ଲୋକମାନେ ଟଙ୍କା ପଠାଉଥିବା ବେଳେ ସାଧାରଣ ବଣ୍ଟନ ବ୍ୟବସ୍ଥା ଜରିଆରେ ଖାଦ୍ୟଶସ୍ୟ ମିଳୁଥିବାରୁ ଉପଯୋଗିତା ଅଧିକ ରହିଛି। ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ଯୋଗାଣ ଶୃଙ୍ଖଳ ଅଧିକ ସୁଦୃଢ଼। ସେଥିପାଇଁ ଗ୍ରାମାଞ୍ଚଳରେ ଦରଦାମ୍ ଅଧିକ ରହୁଥିବା ସେ କହିଛନ୍ତି।

ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର କ୍ରମାଗତ ଭାବେ ଦେଶରେ ସର୍ବାଧିକ ରହୁଛି। ଚଳିତ ବର୍ଷ ଫେବ୍ରୁଆରିରେ ଜାତୀୟ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୦୯ ପ୍ରତିଶତକୁ ହ୍ରାସ ପାଇଛି। ଓଡ଼ିଶାର ମୁଦ୍ରାସ୍ଫୀତି ତା'ଠାରୁ ପ୍ରାୟ ୨.୫% ଅଧିକ ରହୁଛି। ଓଡ଼ିଶା ବ୍ୟତୀତ ତେଲେଙ୍ଗାନା (୬.୭୧%), ହରିୟାଣା (୬.୨୮%), ଆସାମ (୬.୦୨%), ଆନ୍ଧ୍ରପ୍ରଦେଶ (୫.୬୬%), ଗୁଜରାଟ (୫.୩୯%), ଝାଡ଼ଖଣ୍ଡ (୫.୮୫%) ଏବଂ କର୍ଣ୍ଣାଟକରେ (୫.୭୪%) ଖୁଚୁରା ମୁଦ୍ରାସ୍ଫୀତି ହାର ଅଧିକ ରହିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁର୍ଗା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମସ୍ତୁତେ ।'

**ସତ୍ୟ ପାଶେ ଶାନ୍ତି ଦେଲ
ଦୟା ପାଶେ କ୍ଷମା ଦେଲ
ନାମ ଥୋଇ ଅନାମକୁ
ଗୁପତ କରିଲ
ହେ ପ୍ରଭୁ ଜଗତନାଥ
ମୁଁ
କୁହାର କୁହ (୫)
ସବୁ ଦେଇ ଶୂନ୍ୟ କଲ
ଶୂନ୍ୟ ବ୍ରହ୍ମ ବୋଲାଇଲ
ସେ ଶୂନ୍ୟ ବ୍ରହ୍ମ ପଦ୍ମକୁ
ଅଭିକି ନ ଦେଲ
ହେ ପ୍ରଭୁ ଜଗତନାଥ
ମୁଁ
କାହାର କୁହ (୬)**

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କର୍ଣ୍ଣରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅସ୍ତ ବ୍ୟସ୍ତ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)
(କ୍ରମଶଃ)

# ଭବିତବ୍ୟ ଯାହା ଅବଶ୍ୟ ଘଟିବ-୨୮



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ଦଶରଥ କହିଲେ '' ହେ କୈକେୟୀ ! ଆଜି ଯେତେବେଳେ ମୋର ଜ୍ୟେଷ୍ଠପୁତ୍ର ରାମର ଅଭିଷେକ ଉତ୍ସବ ମହା ସମାରୋହରେ ଅଯୋଧ୍ୟାରେ ପାଳନ କରାଯାଉଛି ସେ ସମୟରେ ତୁମକୁ ତୁମର ବାଞ୍ଛିତ ବର ପ୍ରଦାନ କରିବା ପାଇଁ ଏବେ ପ୍ରସ୍ତୁତ ହୋଇ ଯାଉଛି। ତୁମେ ଏବେ ମାଗିନିଅ। ମୁଁ କୃତାର୍ଥ ହେବି।'' ମୁଁ ଆନନ୍ଦ ମନରେ ନିର୍ଭୟ ହୋଇଗଲି। ମୁଁ ଅତ୍ୟନ୍ତ ଉତ୍କଣ୍ଠିତ ଭାବେ ମୋର ପ୍ରଥମ ବରରେ କହିଲି, '' ହେ ରାଜନ ମୋର ପ୍ରଥମ ବର ହେଲା, ଆଜି ମୋର ପୁତ୍ର ଭରତ ରାଜ ସିଂହାସନ ଆରୋହଣ କରିବ, ଦ୍ୱିତୀୟଟି ହେଉଛି ରାମ ଚଉଦବର୍ଷ ବନବାସ ଯିବ। ଏହି ଦୁଇଟି ବର ମୋତେ ପ୍ରଦାନ କରନ୍ତୁ।'' ହଠାତ୍ ଦଶରଥ ହତଚକିତ ହୋଇ ଯାଇ ଗୋଟାଏ ଶରବିଦ୍ଧ ମୃଗ ପରି ଭୂମି ଉପରେ ପଡିଗଲେ, ଚେତାଶୂନ୍ୟ ହୋଇଗଲେ। ମୁଁ ଜାଣେ, ମୋର ପ୍ରଶ୍ନର ପ୍ରତିବାଦ କରିବାର ଦୁଃସାହସ ଏ ନିମନ୍ତ୍ରିତ ଅତିଥି ଏବଂ ଅଯୋଧ୍ୟାର କୌଣସି ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ପାଖରେ ନାହିଁ, ଶହ ଶହ ଜନତା ମୋ ସମ୍ମୁଖରେ ଦଣ୍ଡାୟମାନ ହୋଇଛନ୍ତି। ମୋତେ ବାଧା ଦେବା ପାଇଁ କିମ୍ବା ସାମାନ୍ୟ କଥା ପଦେ କହିବା ପାଇଁ ରାଜ୍ୟାଭିଷେକ ଉତ୍ସବକୁ ନିମନ୍ତ୍ରିତ ହୋଇଥିବା ଅସୁମାରୀ ତପସ୍ୱୀ, ସାଧକ, ପଣ୍ଡିତ, ବିଦ୍ୱାନ କିମ୍ବା ଉପସ୍ଥିତ ଥିବା ସର୍ବଜନ ବିଦିତ ଧନୁର୍ଦ୍ଧାରୀ ଯୋଦ୍ଧାମାନଙ୍କର ସ୍ପର୍ଦ୍ଧାବି ନଥିଲା। କାହିଁକିନା ନିଜେ ଅଯୋଧ୍ୟା ନରେଶ ଏହି ଦୁଇଟି ବର ଯଥା ସମୟରେ ମାଗିନେବା ପାଇଁ ସ୍ୱୀକୃତି ଦେଇସାରିଛନ୍ତି। ବିରୋଧ କରିବ କିଏ ? ମୁଁ ଅସତ୍ୟ କହିନି, କଳଙ୍କିତ ପଥକୁ ଅନୁସରଣ କରିନି କିମ୍ବା କାହା ସହିତ ଛଳନା କରିନି। ମୁଁ ଅନୁମତି ପାଇଛି ମୋର ଇହ ଆଉ ପରକାଳର ଦେବତା ଅଯୋଧ୍ୟା ସମ୍ରାଟ୍ ଦଶରଥଙ୍କ ନିକଟରୁ। ଏ ଦୁନିଆରେ ସମସ୍ତେ ଜାଣନ୍ତି, ରଘୁକୂଳର ଏପରି ସତ୍ୟକୁ ଟାଳିବା ପାଇଁ ଶକ୍ତି ଅଛି କାହାର ଏ ଜଗତରେ ? ସମସ୍ତ କଳ୍ପନା, ସମସ୍ତ ବିପୁଳ ଆୟୋଜନ, ସମସ୍ତଙ୍କର ଅସୁମାରୀ ଉତ୍କଣ୍ଠା, ସମସ୍ତ ସ୍ୱପ୍ନ, ଆଶା, ଭରସା ଆଉ ରାମଙ୍କୁ ରାଜା ରୂପରେ ଦର୍ଶନ କରିବା ପାଇଁ ଯେଉଁ ଉନ୍ମାଦନା ସୃଷ୍ଟି ହୋଇଯାଇଥିଲା, ତା ଆଖି ପିଛୁଳାକେ ଧ୍ୱସ୍ତ ବିଧ୍ୱସ୍ତ ହୋଇଗଲା। ରଘୁ ବଂଶର ପ୍ରତିଟି ସଦସ୍ୟଙ୍କ ଆଖିରୁ ବହିଯାଇଥିଲା ସେଦିନ ତତଲା ଲୁହର ଅବିଶ୍ରାନ୍ତ ବର୍ଷା। ମୁଁ ଥିଲି ନିର୍ଭୀକ। ଦୁଃସାହସିକ ଢଙ୍ଗରେ ଦଣ୍ଡାୟମାନ ହୋଇଥିଲି ରାଜଭବନରେ। ଏଇତ ବିଧାତାର ଖେଳ, ଏଇତ ଅଦୃଶ୍ୟ ଈଶ୍ୱରଙ୍କ ଲୀଳା। ଲୋକେ କୁହନ୍ତି, ନିଜେ ଭୁଲ୍ କରିବ, ଶେଷରେ କହିବ କ'ଣ ନା ଈଶ୍ୱରଙ୍କ ଲୀଳା ? ଏ ଭଳି ବକ୍ତବ୍ୟ ଯେଉଁମାନେ କରନ୍ତି ବାସ୍ତବରେ ଈଶ୍ୱରଙ୍କ ଅସରନ୍ତି ଅସ୍ତିତ୍ୱ ଉପରେ ବିଶ୍ୱାସ କରନ୍ତି ନାହିଁ।

କିନ୍ତୁ ଏଭଳି ଅବାସ୍ତବ ଚେତନା ଉପରେ ମୋର ବଶ୍ୱାସ ନଥାଏ । ଯଦି ପଞ୍ଚଭୂତ, ପାଞ୍ଚମନ, ପଚିଶି ପ୍ରକୃତିର ସ୍ରଷ୍ଟା ଈଶ୍ୱର ଏବଂ ସେହି ପ୍ରକୃତି ଗୁଡ଼ିକ ଭିତରେ ନିଜେ ଜୀବନ୍ତ ଭାବରେ ଥାଇ ସୃଷ୍ଟି କରିବା ନିମନ୍ତେ ଅହରହ କ୍ରିୟାଶୀଳ ତଥା ନିୟନ୍ତ୍ରଣ କର୍ତ୍ତା ତେବେ ମୋ ମନ ଆଉ ମସ୍ତିଷ୍କର ଉପାଦାନ ଗୁଡ଼ିକ ସବୁ କ'ଣ ପୃଥିବୀ ବାହାରୁ ଆସି ଜୀବନ୍ତ ହୋଇଛନ୍ତି ? ଯାହାର ଇଚ୍ଛା ନଥିଲେ ମୁଁ କ୍ଷଣଟିଏ ମଧ୍ୟ ଏ ଧରିତ୍ରୀ ଉପରେ ତିଷ୍ଠି ପାରିବିନି । ତେବେ ମୋ ମନ ଭିତରେ ଏପରି ଘଟଣା ଘଟାଇବାକୁ ଶକ୍ତି ପ୍ରଦାନ କଲା କିଏ ? ଜୀବନ ବ୍ୟାପି ମୁଁ ଈଶ୍ୱରଙ୍କୁ ଭକ୍ତି କରିଛି । ଜୀବନ ବ୍ୟାପି ମୁଁ ଭଗବାନଙ୍କୁ ପ୍ରାର୍ଥନା କରିଛି, କିନ୍ତୁ କ'ଣ ହେଲା ମୋ ଜୀବନ ନାଟକର ପ୍ରତିଟି ଘଟଣା ପ୍ରବାହ ? ତେଣୁ ସବୁ ତାଙ୍କରି ଇଚ୍ଛା ବୋଲି ଭାବିନେଇ ମୁଁ ଚାଲିଗଲି ମୋ ଶୟନ କକ୍ଷର ପଲଙ୍କ ଉପରକୁ । ସେହିଠାରେ ପ୍ରାର୍ଥନା କରି କହିଲି 'ହେ ପରମେଶ୍ୱର ! ମୋ ରାମ କିପରି ଚଉଦ ବର୍ଷ ବନବାସ ପର୍ବ ସମାପ୍ତ କରି ଭଲରେ ଭଲରେ ଅଯୋଧ୍ୟା ଫେରିଆସୁ । ଆଉ ମୁଁ କିଛି ମାଗୁନି ପ୍ରଭୁ, ଜୀବନ ବ୍ୟାପି ଅମାପ ଦୁଃଖ, ମାନସିକ ନିର୍ଯାତନା, ଭୟାନକ ଅସନ୍ତୋଷରେ ସଢ଼ି ସଢ଼ି ଜୀବନ ଧାରଣ କରି ବଞ୍ଚିଛି । ଏ କଥା ତୁମ ବ୍ୟତୀତ ଆଉ କିଏ ଜାଣେ ? ମୁଁ ଚାହେଁ ରାମ ମୋର ରାମ ଚଉଦ ବର୍ଷ ବନବାସ ମଧ୍ୟରେ ଏପରି ଶିକ୍ଷା ଗ୍ରହଣ କରୁ । ସେ ଫେରିଆସି ଯେତେବେଳେ ଅଯୋଧ୍ୟାର ରାଜା ହେବ ସେତେବେଳେ ସେ ଏପରି ରାଜ୍ୟ ଶାସନ କରିବ । ଯେଉଁ ଶାସନ ଏ ଦୁନିଆର ଲୋକମାନେ ଅନନ୍ତ କାଳ ପର୍ଯ୍ୟନ୍ତ ଝୁରି ହେଉଥିବେ । ମୁଁ ଚାହେଁ ମୋ ରାମ ସତ୍ୟସନ୍ଧ, ନିର୍ଭୀକ ହୋଇ ଯୁଗେ ଯୁଗେ ଅମର ହୋଇ ରହିଯାଉ । ଏହି କଥାକୁ ମୋ ହୃଦୟରେ ବହନ କରି ମୋର ପ୍ରାଣ, ମୋ ଜୀବନରେ ଶ୍ରେଷ୍ଠ ସମ୍ପତ୍ତି ରାମକୁ ପରିପୂର୍ଣ୍ଣ ମଙ୍ଗଳ କାମନା କରି ନିବିଡ଼ ଅରଣ୍ୟକୁ ପଠାଇଲି । ମୋ ହୃଦୟର ଏହି ନିବିଡ଼ ସତ୍ୟକୁ କେହି ଜଣେ ହେଲେ ବିଶ୍ୱାସ କଲେନାହିଁ । ନିଜ ପୁଅ ଭରତ ମୋତେ ଯେଉଁ ଧିକ୍କାର କଲା ତାହାକୁ ଭାଷାରେ ବର୍ଣ୍ଣନା କରିବା ପାଇଁ ବିଶ୍ୱର ସମସ୍ତ ଭାଷାଗୁଡ଼ିକ ଯେପରି ଅସ୍ତିତ୍ୱ ହରାଇ ବସିଥିଲେ ।

**କ୍ରମଶଃ**

# ଓଡ଼ିଆ ଭାଷା ଆନ୍ଦୋଳନ : ଏକ ସମୀକ୍ଷା



ଡ ସୀତାକାନ୍ତ ତ୍ରିପାଠୀ
ଅର୍ଣ୍ଣପାଳ, ଭଦ୍ରକ
ମୋ- ୯୭୭୮୭୬୪୩୯୪

ଭାରତବର୍ଷରେ ଭାଷା ଆଧାରରେ ଗଠିତ ହୋଇଥିବା ରାଜ୍ୟମାନଙ୍କ ମଧ୍ୟରେ 'ଓଡ଼ିଶା' ପ୍ରଥମ ଯାହା ଅନେକ ଘାତ ପ୍ରତିଘାତକୁ ଅତିକ୍ରମ କରି ୧୯୩୬ ମସିହା ଅପ୍ରେଲ ୧ ତାରିଖ ଦିନ 'ଓରିଶା' ନାମରେ ଗଠିତ ହୋଇଥିଲା । ଏହାଦ୍ୱାରା ହିନ୍ଦୀ, ବଙ୍ଗଳା ଏବଂ ତେଲୁଗୁ ଭାଷା ସହିତ ନିଜର ଅସ୍ତିତ୍ୱ ରକ୍ଷା କରିବା ପାଇଁ ଚାଲି ଆସିଥିବା ଦୀର୍ଘ ଦିନର ଲଢ଼େଇର ଅବସାନ ହେବା ସହିତ ଓଡିଆ ଭାଷା ଏବଂ ଓଡିଶା ରାଜ୍ୟ ନିଜର ସ୍ୱାତନ୍ତ୍ରତା ରକ୍ଷା କରିବାରେ ସଫଳ ହେଲା । ପରବର୍ତ୍ତୀ ସମୟରେ ୨୦୧୧ ମସିହାରେ 'ଓରିଶା' ରାଜ୍ୟ ଓ 'ଓରିଆ' ଭାଷାକୁ ଇଂରାଜୀରେ ଯଥାକ୍ରମେ 'ଓଡ଼ିଶା' ଏବଂ 'ଓଡ଼ିଆ' ଭାବେ ସ୍ୱୀକୃତି ମିଳିଲା । ଭାଷାର ସମୃଦ୍ଧ ସାହିତ୍ୟ, ମୌଳିକତା ଏବଂ ଐତିହାସିକ ପୃଷ୍ଠଭୂମି ଦୃଷ୍ଟିକୋଣରୁ ୨୦୧୪ ମସିହାରେ ଏହାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ପ୍ରଦାନ କରା ଯାଇଥିଲା ଯାହା ଓଡ଼ିଆ ଭାଷାର ଅଭିବୃଦ୍ଧି ତଥା ବିକାଶର ମାଇଲଖୁଣ୍ଟ ଭାବେ ବିବେଚନା କରାଯାଏ । ଡାର୍‌ଉଇନ୍‌ଙ୍କ 'Survival of the Fittest' ବା 'ଯୋଗ୍ୟତମର ଅସ୍ତିତ୍ୱ' ମତବାଦ ଭାଷା କ୍ଷେତ୍ରରେ ମଧ୍ୟ ପ୍ରଯୁଜ୍ୟ ବୋଲି ମନେ ହୁଏ କାରଣ ସମସାମୟିକ ଭାଷା ମାନଙ୍କର ବହୁଳ ପ୍ରଚାର ଓ ପ୍ରସାର ଯୋଗୁଁ ଅନେକ ଚମତ୍କାର ସାହିତ୍ୟ ଏବଂ ଭାଷା ସେମାନଙ୍କର ଅସ୍ତିତ୍ୱ ହରାଇଥିବା ବେଳେ ଓଡ଼ିଆ ଭାଷା ନିଜର ସ୍ଥିତି ଜାହିର କରିବାରେ ସକ୍ଷମ ହୋଇପାରିଛି। ବିଭିନ୍ନ ସାହିତ୍ୟାନୁରାଗୀ, ଭାଷାପ୍ରେମୀ ଓ ହାତଗଣତି ସଂଗ୍ରାମୀ ମାନଙ୍କର ଉଦ୍ୟମ ଦ୍ୱାରା ଓଡ଼ିଆ ଭାଷାକୁ ବିଲୁପ୍ତି ପଥରୁ ଉଦ୍ଧାର କରାଯାଇ ପାରିଛି । ଊନବିଂଶ ଶତାବ୍ଦୀର ଶେଷ ଆଡ଼କୁ ଓଡ଼ିଶା ନିଜର ସତ୍ତା ହରାଇବା ଫଳରେ ଏହା ଉତ୍ତରରେ ବଙ୍ଗଳା, ଦକ୍ଷିଣରେ ମାଡ୍ରାସ୍ ଏବଂ ପଶ୍ଚିମ ଭାଗ କେନ୍ଦ୍ରୀୟ ପ୍ରଦେଶ ମଧ୍ୟରେ ବଣ୍ଟନ କରାଯାଇଥିଲା। ମୋଗଲ ଶାସନ କାଳରେ ଓଡ଼ିଆ ଭାଷା ଦରବାର ଭାଷା ହେବାରୁ ବଞ୍ଚିତ ହୋଇଥିଲା । ପରେ ପରେ ବ୍ରିଟିଶ୍ ଶାସନ ସମୟରେ ଓଡ଼ିଶା ନିଜର ପରିଚୟ ହରାଇଥିଲା । ଅନ୍ୟ ଏକ ସ୍ୱତନ୍ତ୍ର ନୀତି 'ବହିଷ୍କୃତ ଏବଂ ଆଂଶିକ ବହିଷ୍କୃତ ଅଂଚଳ' ପ୍ରଣୟନ କରାଯାଇଥିଲା ଯାହାର ଫଳ ସ୍ୱରୂପ ଅନେକ ଗଡ଼ଜାତ ଅଂଚଳ ସୃଷ୍ଟି ହୋଇଥିଲା । ଯାହା ଆଦିବାସୀ ସଂଖ୍ୟାଲଘୁଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ।

୧୮୬୬ ମସିହାରେ ଓଡ଼ିଶାରେ ଭୟଙ୍କର ନଅଙ୍କ ଦୁର୍ଭିକ୍ଷ ପରେ ବ୍ୟାପକ ଅନାହାର, ଅର୍ଥନୈତିକ ବିପର୍ଯ୍ୟୟ ତଥା ସାମାଜିକ ଅସନ୍ତୁଳନ ଫଳରେ ଲୋକମାନେ ରାଜ୍ୟ ଛାଡ଼ି ପ୍ରବାସୀ ହେବା ପାଇଁ ବାଧ୍ୟ ହେବା ସହିତ ବାହାର ରାଜ୍ୟର ଲୋକମାନଙ୍କ ପାଇଁ ଅନୁପ୍ରବେଶର ସୁଯୋଗ ସୃଷ୍ଟି କରିଥିଲା । ଯାହା ଫଳରେ କେବଳ ଉତ୍ତର ଭାଗରେ ନୁହେଁ ବରଂ ଓଡ଼ିଶାର ଉପକୂଳ ଅଞ୍ଚଳରେ ମଧ୍ୟ ବଙ୍ଗୀୟମାନଙ୍କ ଭାଷା ତଥା ସଂସ୍କୃତିକ ପ୍ରଭାବ ଓ ଆଧିପତ୍ୟ ଦେଖିବାକୁ ମିଳିଥିଲା । ସେହିଭଳି ଭାବେ ଦକ୍ଷିଣରେ ତେଲୁଗୁ, ପୂର୍ବ ଏବଂ ଉତ୍ତର-ପୂର୍ବରେ ହିନ୍ଦୀ ଭାଷାଭାଷୀ ଲୋକମାନଙ୍କର ଓଡ଼ିଆ ଭାଷାଭାଷୀ ଲୋକମାନଙ୍କ ଉପରେ ପ୍ରଭାବ ବିସ୍ତାର କରୁଥିବାର ଦେଖିବାକୁ ମିଳୁଥିଲା । ଏତଦ୍ ବ୍ୟତୀତ ଅନ୍ୟ ଅଞ୍ଚଳରୁ ଆସୁଥିବା ପ୍ରବାସୀଗଣ ବିଭିନ୍ନ ସରକାରୀ ଚାକିରିରେ ନିୟୋଜିତ ଥିଲେ କିମ୍ବା ଶିକ୍ଷାଦାନ କରୁଥିଲେ ତେଣୁ ସେମାନେ ଓଡ଼ିଆ ଭାଷାକୁ ବିଭିନ୍ନ ଭାବେ ପ୍ରଭାବିତ କରିବାକୁ ଚେଷ୍ଟା କରୁଥିଲେ ଏବଂ ତା' ସହିତ ସେମାନେ ଓଡ଼ିଆ ଭାଷାର ବ୍ୟାପକତା, ସମୃଦ୍ଧି, ସାହିତ୍ୟ ଏବଂ ସଂସ୍କୃତିକୁ ନଷ୍ଟ କରିବାକୁ ଅପଚେଷ୍ଟା କରିଥିଲେ । ବାଲେଶ୍ୱରର ଜଣେ ସ୍କୁଲ ଶିକ୍ଷକ କାନ୍ତୀ ଚନ୍ଦ୍ର ଭଟ୍ଟାଚାର୍ଯ୍ୟ ତାଙ୍କ ପୁସ୍ତକରେ ଯୁକ୍ତି କରି 'ଉଡ଼ିଆ ଏକଟା ଭାଷା ନଏ' ବୋଲି ଯୁକ୍ତି ଦର୍ଶାଇଛନ୍ତି । (ଅର୍ଥାତ୍ ଓଡ଼ିଆ ଗୋଟିଏ ଭାଷା ନୁହେଁ)

ତତ୍କାଳୀନ ସମୟରେ ଓଡ଼ିଆ ଭାଷାରେ ପାଠ୍ୟପୁସ୍ତକର ତୀବ୍ର ଅଭାବ ହେତୁ ଓଡ଼ିଆ ଭାଷାଭାଷୀ ମାନଙ୍କ ମଧ୍ୟରେ ବଙ୍ଗାଳୀ ଭାଷାର ପ୍ରଚାର ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା। ଅନ୍ୟ ପଟେ ଗଂଜାମ ଜିଲ୍ଲାରେ ତେଲୁଗୁ ଭାଷାକୁ ଶିକ୍ଷାର ମାଧ୍ୟମ ଭାବରେ ଗ୍ରହଣ କରିଥିବା ବେଳେ ସମ୍ବଲପୁରରେ ୧୮୪୫ ମସିହାରେ ଓଡ଼ିଆ ଭାଷାର ଗୁରୁତ୍ୱକୁ କମାଇ ହିନ୍ଦୀକୁ କୋର୍ଟ ଭାଷା ରୂପେ ପ୍ରୟୋଗ କରାଯାଇଥିଲା ଏବଂ ସେ ସମୟରେ ବଙ୍ଗଳା ଲିପିକୁ ଓଡ଼ିଆ ଭାଷା ଲିଖନ ନିମନ୍ତେ ବ୍ୟବହାର କରିବାକୁ ପ୍ରସ୍ତାବ ମଧ୍ୟ ଦିଆଯାଇଥିଲା । ବିଭିନ୍ନ ସମାଜ ସଂସ୍କାରକ, ଜ୍ଞାନୀ ଗୁଣୀ ତଥା ସାହିତ୍ୟିକ ଯଥା ଫକୀରମୋହନ ସେନାପତି, ଗଙ୍ଗାଧର ମେହେର, ରାଧାନାଥ ରାୟଙ୍କ ପରି ସାହିତ୍ୟିକ ମାନଙ୍କର ସମୃଦ୍ଧ ଅବଦାନ ଯୋଗୁଁ ଅନେକ ଉପାଦେୟ ବିଦ୍ୟାଳୟ ପାଠ୍ୟପୁସ୍ତକ ରଚନା ହେବା ସମ୍ଭବପର ହୋଇଥିଲା ।

୧୮୬୯ ମସିହାର ପ୍ରାରମ୍ଭରେ ଗଂଜାମରେ ତେଲୁଗୁ ଭାଷା ବିରୁଦ୍ଧରେ ଆନ୍ଦୋଳନ ହେବା ଯୋଗୁଁ ଓଡିଆ ଭାଷାର ପୁନରୁଦ୍ଧାର ହୋଇଥିଲା । ୧୯୦୩ରେ ଓଡ଼ିଆର ଜଣେ ଦୃଢ଼ ସପକ୍ଷବାଦୀ ସାର୍ ଆଣ୍ଡ୍ରିୟୁ ଫ୍ରେଜରଙ୍କ ପୃଷ୍ଠପୋଷକତାରେ ମଧୁସୂଦନ ଦାସ ଏଥିନିମନ୍ତେ କେସ୍ ଦାୟର କରିଥିଲେ। ଓଡ଼ିଆକୁ ଶିକ୍ଷା ସୂଚନା ଓ ଯୋଗାଯୋଗର ଏକ ମାଧ୍ୟମ ଭାବେ ବଜାୟ ରଖିବାର ମୁଖ୍ୟ କାରଣ ଥିଲା ଯେ ଏହାର ଗତି ପୀଢ଼ି ପରେ ପୀଢ଼ି ସହିତ ତାଳ ଦେଇ ଚାଲିବ ଏବଂ ଏହା କୌଣସି ପରିସ୍ଥିତିରେ ତା'ର ସତ୍ତା ହରାଇବ ନାହିଁ । ତେଣୁ ଏହା ସ୍ୱୀକାର କରାଯାଇଥିଲା ଯେ କେବଳ ଦୈନନ୍ଦିନ ବ୍ୟବହାର ଯଥେଷ୍ଟ ନୁହେଁ ବରଂ ସରକାରୀ କାର୍ଯ୍ୟ ଏବଂ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ହେବା ଦ୍ୱାରା ଏକ ଭାଷାର ଅପରିସୀମ ଅସ୍ତିତ୍ୱ ବଜାୟ ରହିପାରିବ। ଅନ୍ୟ ପକ୍ଷରେ ଉତ୍କଳ ଦୀପିକାର ସମ୍ପାଦକ ଗୌରୀଶଙ୍କର ରାୟଙ୍କ ଭଳି ବଙ୍ଗାଳୀ-ଓଡ଼ିଆମାନେ ମଧ୍ୟ ଓଡ଼ିଆ ଭାଷା ସୁରକ୍ଷାର ଉନ୍ନତି ପାଇଁ ସ୍ୱର ଉତ୍ତୋଳନ କରି କାନ୍ତୀ ଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ଓଡ଼ିଆ ଭାଷା ବିରୋଧୀ ମସୁଧାକୁ ବିରୋଧ କରିଥିଲେ । ସାରା ରାଜ୍ୟରେ ଖବର କାଗଜ, ପତ୍ର ପତ୍ରିକା ଯଥା ସ୍ୱତନ୍ତ୍ର (ବ୍ରହ୍ମପୁର), ହିତୈଷିଣି(ବାମଣ୍ଡା, ସମ୍ବଲପୁର) ଉତ୍କଳ ଦୀପିକା (କଟକ) ଏବଂ ସମ୍ବାଦ ବାହିକା (ବାଲେଶ୍ୱର) ଇତ୍ୟାଦି ବିଭିନ୍ନ ସାହିତ୍ୟିକ ଆନ୍ଦୋଳନ ମାଧ୍ୟମରେ ଭାଷାକୁ ଚିହ୍ନିବା, ସମ୍ମାନ ଏବଂ ସଂରକ୍ଷଣ କରିବା ନିମନ୍ତେ ଜନସାଧାରଣଙ୍କୁ ସଚେତନ କରିବା ସହିତ ତା' ପ୍ରତି ମମତା ଜାଗରଣ ପାଇଁ ପ୍ରଚେଷ୍ଟା କରିଥିଲେ ।

ବର୍ତ୍ତମାନ ପରିପ୍ରେକ୍ଷୀରେ ଓଡ଼ିଆ ଭାଷାର ସ୍ୱତନ୍ତ୍ରତା ବଜାୟ ରଖିବା ପାଇଁ ଆନ୍ଦୋଳନ ଗଡ଼ିକର ନବୀକରଣ କରାଯାଇଛି । ଏଠାରେ ସ୍ୱତନ୍ତ୍ରତା ଶବ୍ଦଟି ବିଭିନ୍ନ ରାଜନୈତିକ ଦଳ ଠାରୁ ମୁକ୍ତ ହୋଇଥିବା ଆନ୍ଦୋଳନକୁ ବୁଝାଉଛି । ବର୍ତ୍ତମାନ ଓଡ଼ିଶାର ଅନେକ ଗଣମାଧ୍ୟମ ସାହିତ୍ୟର କ୍ରମାଗତ ଗତିଶୀଳତା ସହ ଭାଷାର ବିବର୍ତ୍ତନ କରିବାକୁ ସକ୍ଷମ ଅଟନ୍ତି । ଏହି ଧାରାଟି ହୁଏତ ଓଡ଼ିଶାର ନିଜସ୍ୱ ଉପାଦନ ଗୁଡିକୁ ମଧ୍ୟ ଜଡ଼ିତ କରିପାରେ, ଯେପରିକି ଭାଷା ମଧ୍ୟରେ ଆଂଚଳିକ ଉପଭାଷା ମଧ୍ୟ ସମାନ ଭାଷାର ମାନକକରଣର ଏକ ଭାବନା ଆଣିଛି । ଧିରେ ଧିରେ ଓଡ଼ିଆ ଉପରେ ହିନ୍ଦୀ ଓ ଇଂରାଜୀର ପ୍ରଭାବ ମାତ୍ରାଧିକ ଅନୁଭୂତ ହେଉଛି । ଏହି ସମୟରେ ଓଡ଼ିଆ ଭାଷାକୁ ପ୍ରୋତ୍ସାହିତ କରିବା ଜରୁରୀ । ତା'ଛଡ଼ା ସାମାଜିକ-ସାଂସ୍କୃତିକ ଆନ୍ଦୋଳନର ଆଧାରରେ ଓଡ଼ିଆ ଚଳଚ୍ଚିତ୍ରକୁ ଆନ୍ତର୍ଜାତୀୟ ସ୍ତରରେ ପ୍ରଚାର ପ୍ରସାର ଓ ପ୍ରୋତ୍ସାହନ କରିବା ଆବଶ୍ୟକ ।

ଅନ୍ୟାନ୍ୟ ଓଡ଼ିଆ ଇତିହାସ, ସାମାଜିକ, ଧାର୍ମିକ, ସାଂସ୍କୃତିକ ଏବଂ ଅର୍ଥନୈତିକ ଜୀବନକୁ ପାଠ୍ୟପୁସ୍ତକରେ ସ୍ଥାନିତ କରିବା ଉଚିତ୍ । ଏତଦ୍ ବ୍ୟତୀତ ଓଡ଼ିଶା ସରକାରୀ ଚାକିରିରେ ଥିବା ଓଡ଼ିଆ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ପାଇଁ ସଂରକ୍ଷଣକୁ କଡାକଡି ପାଳନ କରାଯିବା ବିଧେୟ । ଓଡ଼ିଆ ସାହିତ୍ୟ ଏବଂ ସଂସ୍କୃତି ଉପରେ ବିଭିନ୍ନ ଚେୟାର ଦେଶ ତଥା ବିଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନରେ ପ୍ରତିଷ୍ଠା କରାଯିବା ଉଚିତ୍ ଏବଂ ଏହାର ଫଳାଫଳକୁ ମଧ୍ୟ ନିୟମିତ ଯାଞ୍ଚ କରାଯିବା ଆବଶ୍ୟକ । ସୀମାନ୍ତବର୍ତ୍ତୀ ରାଜ୍ୟ ତଥା ଅନ୍ୟାନ୍ୟ ରାଜ୍ୟରେ ଥିବା ଓଡ଼ିଆ ବିଦ୍ୟାଳୟ ଗୁଡିକୁ ଆଇନଗତ, ଆର୍ଥିକ ଏବଂ ଭିତ୍ତିଭୂମି ଭିତ୍ତିରେ ସହାୟତା ଯୋଗାଇ ଦେବାର ଆବଶ୍ୟକତା ରହିଛି ।

ବର୍ତ୍ତମାନ ଇଂରାଜୀ ଭାଷାର ପ୍ରାଧାନ୍ୟ ଏବଂ ପ୍ରଭାବ ଯୁଗରେ ଓଡ଼ିଆ ଭାଷାର ସ୍ଥିତି ଓ ବିକାଶ ପାଇଁ ଚିନ୍ତା କରିବାର ସମୟ ଆସିଛି । ପ୍ରକୃତରେ ଆମେ ଓଡ଼ିଆ, ଆମ ଭାଷା ଓଡ଼ିଆ, ଆମ ଭାଷା ବଢ଼ିଆ ନାରା ଅତ୍ୟନ୍ତ ହୃଦୟସ୍ପର୍ଶୀ ଯାହା ପ୍ରତି ଓଡ଼ିଆ ପ୍ରାଣରେ ସ୍ପନ୍ଦିତ ହେବା ଉଚିତ୍ । ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ଭାଷାନ୍ତରକୁ ପ୍ରୋତ୍ସାହନ କରିବାର ଆବଶ୍ୟକତା ଥିବା ବେଳେ ଏହାର ମୌଳିକତା ବଜାୟ ରଖିବା ପାଇଁ କମ୍ପ୍ୟୁଟରରେ ଓଡ଼ିଆ Plagiarism softwareର ବ୍ୟବସ୍ଥା ହେବା ଜରୁରୀ ମନେହୁଏ ।

# ଅମୃତର ଧାରା



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁବନ, ଢେଙ୍କାନାଳ
ମୋ-୯୪୩୭୭୨୯୩୮୪

ବିଶ୍ୱରେ କ୍ଷୀର ପାଇଁ ଗାଈ ଓ ମଇଁଷିମାନଙ୍କ ଉପରେ ନିର୍ଭର କରାଯାଏ । ହିନ୍ଦୁ ଧର୍ମରେ ଗାଈକୁ ଗୋମାତା ବୋଲି କୁହାଯାଉଥିବା ବେଳେ ମଇଁଷିକୁ ମୃତ୍ୟୁର ଦେବତା ଯମଙ୍କ ବାହନ ଭାବେ ମାନ୍ୟତା ଦିଆଯାଏ । ଗାଈ ଠାରେ ଆମେ ଦେବତ୍ୱ, ଶାନ୍ତ ପ୍ରକୃତି ଓ ଆତ୍ମ ସଂଯମ ଆଦି ଗୁଣ ଦେଖୁଥିବା ବେଳେ ମଇଁଷି ହେଉଛି ଦ୍ୱାଦଶ ଜୈନ ତୀର୍ଥଙ୍କର ବସୁପୂଜ୍ୟଙ୍କ ପ୍ରତୀକ । ଭାରତର ବହୁ ଆଦିବାସୀ ଜାତି ମଇଁଷିକୁ ପବିତ୍ର ପ୍ରାଣୀ ଭାବେ ପୂଜା କରନ୍ତି । ଗାଈ ଓ ମଇଁଷି ଭାରତୀୟ କୃଷି ବ୍ୟବସ୍ଥାର ମୁଖ୍ୟ ଅଙ୍ଗ । ପ୍ରାୟ ୫୦୦୦ ବର୍ଷ ଧରି ଆମେ ମଇଁଷିକୁ ଗାଈମାନଙ୍କ ପରି ବ୍ୟବହାର କରୁଛୁ । ତେବେ ଗାଈ କ୍ଷୀର ଠାରୁ ମଇଁଷି କ୍ଷୀର ଅଧିକ ବହଳିଆ ଓ ଅଧିକ ଲହୁଣିଯୁକ୍ତ ହୋଇଥିଲେ ବି ଭାରତରେ ଗାଈ କ୍ଷୀରକୁ ଅଧିକ ସ୍ୱାସ୍ଥ୍ୟପ୍ରଦ ବୋଲି ବିଚାର କରାଯାଏ ।

ଭାରତୀୟ ସଂସ୍କୃତିରେ ପବିତ୍ରତମ ପଶୁ ହେଉଛି ଗୋମାତା । ଗୋମାତାକୁ ହିନ୍ଦୁ ଶାସ୍ତ୍ରରେ ମା ରୂପେ ବର୍ଣ୍ଣନା କରାଯାଇଛି । ଗୋମାତା ଶରୀରରେ ତେତିଶି କୋଟି ଦେବତା ବାସ କରନ୍ତି । ପୁରାଣରେ କାମଧେନୁ, ସୁରଭି, କପିଳା, ନନ୍ଦିନୀ ଆଦି ଦେବତୁଲ୍ୟ ଗୋମାତାଙ୍କ ସମ୍ପର୍କରେ ବର୍ଣ୍ଣନା ରହିଛି । ଗାଈର ପଞ୍ଚଗବ୍ୟ ଯଥା- ଦୁଗ୍ଧ,ଦହି, ଘିଅ, ମୂତ୍ର, ଗୋମୟ ପାକ କଲେ ପାପତାପ ଦୂର ହୋଇଥାଏ । ଗାଈ କ୍ଷୀର ଏକ ଉତ୍ତମ ଆହାର । ମା କ୍ଷୀର ଭଳି ଗାଈ କ୍ଷୀର ପୁଷ୍ଟିକର । ଶାସ୍ତ୍ର କହେ - ଗାବୋ ବିଶ୍ୱସ୍ୟ ମାତରଃ । ଅର୍ଥାତ ଗାଈ ବିଶ୍ୱର ମାତା ଅଟନ୍ତି । ବିଭିନ୍ନ ପୂଜାପର୍ବାଣୀରେ ଗୋ ଦୁଗ୍ଧକୁ ବ୍ୟବହାର କରାଯାଏ । କାହିଁ କେଉଁକାଳରୁ ଭାରତୀୟମାନେ କ୍ଷୀରକୁ ଏକ ଉତ୍ତମ ସ୍ୱାସ୍ଥ୍ୟବର୍ଦ୍ଧକ ପାନୀୟ ଭାବେ ବିବେଚନା କରି ଆସୁଛନ୍ତି । ଗାଁ ଓ ସହରର ଚାଷୀମାନେ ଗୋଦୁଗ୍ଧ ବ୍ୟବସାୟରେ ଅନେକ ଲାଭବାନ ହେଉଛନ୍ତି । ଗାଈ କ୍ଷୀରରେ ସୋଡିୟମ୍, ପୋଟାସିୟମ, କ୍ୟାଲସିୟମ, ପ୍ରୋଟିନ, ଲୌହ, ଫସଫରସ ରହିଥିବାରୁ ଏହାକୁ ଅମୃତ କୁହାଯାଇଥାଏ । ତେଣୁ ଶିଶୁ ଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଏକ ଉପାଦେୟ ପାନୀୟ ଭାବେ କ୍ଷୀରକୁ ବିବେଚନା କରାଯାଏ । ବିଶ୍ୱର ପ୍ରତିଟି ଦେଶରେ କ୍ଷୀରର ବ୍ୟବହାର କରାଯାଇ ବିଭିନ୍ନ ଖାଦ୍ୟପଦାର୍ଥ ପ୍ରସ୍ତୁତି ହେଉଛି । କେହି କଞ୍ଚା କ୍ଷୀର ବ୍ୟବହାର କରନ୍ତି ତ କେହି ଫୁଟା କ୍ଷୀରକୁ ପିଇବାକୁ ପସନ୍ଦ କରନ୍ତି । ପୃଥିବୀର ଛଅ ବିଲିୟନରୁ ଅଧିକ ଲୋକ କ୍ଷୀର ପିଇବା ସହ ଏଥିରୁ ଉତ୍ପାଦିତ ଖାଦ୍ୟ ଦ୍ରବ୍ୟ ଖାଉଥିବାର ଅନୁଧ୍ୟାନରୁ ଜଣାଯାଇଛି । ଗୋଦୁଗ୍ଧକୁ ଅଧିକ ଲୋକପ୍ରିୟ କରିବା ଲକ୍ଷ୍ୟରେ ଜାତିସଂଘର ଖାଦ୍ୟ ଓ କୃଷି ସଙ୍ଗଠନର ଅନୁମୋଦନ କ୍ରମେ ୨୦୦୧ ମସିହା ଠାରୁ ଜୁନ୍ ୧ ତାରିଖକୁ ବିଶ୍ୱ ଦୁଗ୍ଧ ଦିବସ ଭାବରେ ପାଳନ କରାଯାଉଛି । ଭାରତ ବିଶ୍ୱର ପ୍ରଥମ ଦୁଗ୍ଧ ଉତ୍ପାଦକ ରାଷ୍ଟ୍ର ଭାବେ ପରିଚିତ ହୋଇଥିବା ବେଳେ ଗ୍ରାମୀଣ ପରିବାର ଗୁଡିକରେ ଦୁଗ୍ଧ ଉତ୍ପାଦନ ଏକ ପ୍ରମୁଖ ଅର୍ଥ ଉପାର୍ଜନର ମାଧ୍ୟମ ହୋଇପାରିଛି । ଦେଶର ପାଖାପାଖି ୭୦ ନିୟୁତ ଗ୍ରାମୀଣ ପରିବାର ଦୁଗ୍ଧ ଉତ୍ପାଦନ କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଗ୍ରାମୀଣ ପରିବାରର ସମସ୍ତ ଆୟର ପାଖାପାଖି ଏକ ତୃତୀୟାଂଶ ଆୟ ଦୁଗ୍ଧରୁ ଆସିଥାଏ । ଜାତୀୟ ସ୍ତରରେ ଦୁଗ୍ଧର ଉପଲବ୍ଧତା ୪୪୪ ଗ୍ରାମ ରହିଛି । କିନ୍ତୁ ଓଡିଶା ଭଳି କୃଷି ଏବଂ ପଶୁ ପାଳନ ପ୍ରଧାନ ରାଜ୍ୟରେ ଏହା ମାତ୍ର ୧୪୪ ଗ୍ରାମ ରହିଛି । ଦେଶରେ ଉତ୍ପାଦିତ ୫୪ ଶତକଡା ଦୁଗ୍ଧରୁ ପାଖାପାଖି ୩୮ ଶତକଡା ସଂଗଠିତ କ୍ଷେତ୍ର ଦ୍ୱାରା ପରଚାଳିତ ହେଉଛି । ଯେଉଁଥିରେ ସହଭାଗିତା କ୍ଷେତ୍ରରେ ତଥା ଘରୋଇ ଉତ୍ପାଦନ ସଂଗଠନଗୁଡିକ ସମାନ ଭାବେ ଭାଗିଦାରୀ ରହିଛି। ଜାତୀୟ ପଶୁଧନ ଗଣନା- ୨୦୧୯ ଅନୁସାରେ ଦେଶରେ ୧୪.୫ କୋଟି ଗାଈ ରହିଛନ୍ତି । କିନ୍ତୁ ଦେଶୀ ପ୍ରଜାତିର ଗୋବଂଶ ଇତି ମଧ୍ୟରେ ହ୍ରାସ ପାଇ ୧୪.୨ କୋଟିରେ ପହଞ୍ଚିଛି । ଦେଶରେ ଶଙ୍କର ଜାତୀୟ ଦୁଧିଆଳି ଗାଈଙ୍କ ସଂଖ୍ୟା ୨୨.୨ ପ୍ରତିଶତ ବଢିଥିବା ବେଳେ ଦେଶୀ ଗାଈଙ୍କ ସଂଖ୍ୟା ୬ ପ୍ରତିଶତ କମିଛି । ଏଥିରୁ ଜଣାପଡୁଛି ଅଧିକ ଦୁଗ୍ଧ ଉତ୍ପାଦନକ୍ଷମ ଜର୍ସି ଓ ଅନ୍ୟାନ୍ୟ ଶଙ୍କରଜାତୀୟ ଦୁଧିଆଳି ଗାଈଙ୍କୁ ଲୋକେ ପସନ୍ଦ କରୁଛନ୍ତି । ୨୦୧୨ମସିହାରେ ୧୯ତମ ପ୍ରାଣୀଧନ ଗଣନା ଅନୁଯାୟୀ ରାଜ୍ୟରେ ୧ କୋଟି ୩ ଲକ୍ଷ ୧୫ ହଜାର ୪୯୯ ଦେଶୀ ଗାଈ ଥିବା ବେଳେ ୨୦ତମ ପ୍ରାଣୀଧନ ଗଣନା ୨୦୧୯ ମସିହାରେ ଏହି ସଂଖ୍ୟା ହ୍ରାସ ପାଇ ୮୩ ଲକ୍ଷ ୨୩ ହଜାର ୫୯୦ରେ ପହଞ୍ଚିଛି । ଏହି ସମୟ ମଧ୍ୟରେ ୧୯ ଲକ୍ଷ ୯୧ ହଜାର ୯୦୯ ଦେଶୀ ଗାଈ କମିଛି । ସମାନ ଖର୍ଚ୍ଚରେ ଶଙ୍କର ଜାତୀୟ ଗାଈ ଠାରୁ ଅଧିକ ଦୁଗ୍ଧ ଉତ୍ପାଦନ ହେଉଛି । ତେଣୁ ଲୋକେ ଶଙ୍କର ଗାଈ ପାଳନକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ଦେଶୀ ଗାଈଙ୍କୁ ଲୋକପ୍ରିୟ କରିବାକୁ ହେଲେ ସେମାନଙ୍କର ଦୁଗ୍ଧ ଉତ୍ପାଦନ କ୍ଷମତା ବଢାଯିବା ଦରକାର । ଦେଶୀ ଗାଈ କ୍ଷୀରକୁ ଭଲ ଭାବରେ ଫୁଟାଇ ପିଇଲେ କିମ୍ବା ଏଥିରୁ ପ୍ରସ୍ତୁତ ବ୍ୟଞ୍ଜନ ଖାଇଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢିଥାଏ । ଯୁବପିଢ଼ୀ ଓ ବୟସ୍କ ବ୍ୟକ୍ତି ଦେଶୀ ଗାଈ କ୍ଷୀର ପ୍ରତ୍ୟହ ସେବନ କଲେ ସେମାନଙ୍କ ସ୍ୱାସ୍ଥ୍ୟ ଠିକ ରହେ । ଏହା ପିଇଲେ ଶୀଘ୍ର ହଜମ ହେବା ସହିତ ମଧୁମେହ ଓ ହୃଦ୍‌ରୋଗର ଆଶଙ୍କା କମ୍ ଥାଏ । ଦେଶୀ ଗାଈ କ୍ଷୀର ପିଇଲେ ସ୍ମୃତି ଶକ୍ତି ବଢିଥାଏ।

ଦୁଗ୍ଧ ଉତ୍ପାଦନରେ ଭାରତ ବିଶ୍ୱରେ ପ୍ରଥମ ସ୍ଥାନ ଅଧିକାର କରିଛି । ବିଶ୍ୱର ମୋଟ ଦୁଗ୍ଧର ୧୭ ପ୍ରତିଶତ ଭାରତରେ ଉତ୍ପାଦିତ ହୋଇଥାଏ । ଆମ ରାଜ୍ୟରେ ବି ଦୁଗ୍ଧ ଉତ୍ପାଦନ ଅଢେଇ ଗୁଣ ବଢିଛି । ପୂର୍ବରୁ ରାଜ୍ୟରେ ୮୭୫.୧୩ ହଜାର ମେଟ୍ରିକ ଟନ୍ କ୍ଷୀର ଉତ୍ପାଦନ ହେଉଥିବା ବେଳେ ଏବେ ତାହା ୨୪୦୨.୦୬ ହଜାର ମେଟ୍ରିକ ଟନ୍‌କୁ ବୃଦ୍ଧି ପାଇଛି । ପୂର୍ବାପେକ୍ଷା ବୃଦ୍ଧି ହାର ୨.୭୫ ପ୍ରତିଶତ ହୋଇଛି । ଓଡିଶା ଏକ ବଳକା ଦୁଗ୍ଧ ଉତ୍ପାଦନକାରୀ ରାଜ୍ୟ ଭାବେ ପରିଗଣିତ ହୋଇଛି । କେବଳ କ୍ଷୀର ନୁହେଁ ଏଥିରୁ ଉତ୍ପନ୍ନ ଦହି ସାଧାରଣ ଖାଦ୍ୟ ନୁହେଁ । ଏହା ଅମୃତତୂଲ୍ୟ । ଦହି ସେବନରେ ରୋଗ ପ୍ରତିଶେଧକ ଶକ୍ତି ବଢିଥାଏ । ଏହାକୁ ପିଇ ଘରୁ ବାହାରକୁ ବାହାରିଲେ ଖରାଦିନେ ଲୁ' ରୁ ରକ୍ଷା ମିଳେ । ଦହିରେ ଲୁଣ, ଜିରା, ପୁଦିନା ମିଶାଇ ପିଇଲେ କ୍ଷୁଧା ବୃଦ୍ଧି ପାଏ । ଦହିରେ ପ୍ରଚୁର କ୍ୟାଲସିୟମ ଥିବା ହେତୁ ଏହା ପାଚନ ଶକ୍ତି ବୃଦ୍ଧି କରେ । କ୍ଷୀର ଅପେକ୍ଷା ଦହି ଓ ଛେନାରେ କମ୍ ପରିମାଣରେ ସର୍କରା ରହିଥାଏ । ତେଣୁ ଏହାର ନକରାତ୍ମକ ପ୍ରଭାବ ଶରୀରରେ ପଡିନଥାଏ। କ୍ଷୀରରେ ଅଧିକ ଶର୍କରା ରହିଛି, ଆବଶ୍ୟକତା ଠାରୁ ଅଧିକ କ୍ଷୀର ପିଇଲେ ଶରୀରରେ ଅମ୍ଳବୃଦ୍ଧି ପାଏ ଏବଂ ଅସ୍ଥିଗୁଡିକ ଦୁର୍ବଳ ହୋଇଯାଏ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# କବିତାୟନ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୫ ମାର୍ଚ୍ଚ ୨୦୨୪ ଶୁକ୍ରବାର


## ସେ କେଉଁ ଚାହାଣୀ ତଳେ

ରାଜଲକ୍ଷ୍ମୀ ତ୍ରିପାଠୀ



କଅଁଳ ଖରାର ପରଶ ପାଇଲେ ବଣଫୁଲ ମନ ଛୁଏଁ
ମରମ କଥାଟି ସଜାଇ କହିଲେ ପରାଣ ଥରାଇ ଦିଏ
ଲୁଚାଇ ରଖିଛି ଅନ୍ତର ତଳେ ଯେ ପୁରୁଣା ଦିନର ଗାଥା
ତରୁଣ ବସନ୍ତ କେବେ ଆସିଥିଲା ନୁଆଇଁ ଦେଲା ସେ ମଥା ।

ଓଠରେ ଫୁଟାଇ ମାଳତୀର ହସ ପାହାନ୍ତି ସକାଳ ଦେଖି
ନିଛାଟିଆ ସଞ୍ଜ ତାରାମେଳେ ଖୋଜେ କେଉଁଠି ଅଛି ତା 'ସଖୀ
ଆଚମ୍ବିତ ହେଲେ କୁସୁମ ପଳାସ ସପନ ଅଧୀର ହୋଇ
ଶୂନଶାନ ସେଇ ଦିନ ଦିପହରେ ମେଘ ଅନ୍ଧାର ଛାଇ ।

କେତେ ପରିହାସ ଦରଫୁଟା ହସ ମଧୁର ଡାକର ରାଣୀ
କେତେ ସମ୍ବୋଧନ କେଉଁଠି ଲୁଚିଲା ଖୋଜିଛି କେତେ ଶ୍ରାବଣୀ
କା'ପାଇଁ ଅଲୋଡ଼ା ହୋଇପାରେ ସିଏ ହୃଦୟ ମୋ ଲୋଡ଼େ ତାକୁ
କାକର ମୋତିର ହୃଦହାର ପିନ୍ଧି ଶିହରି ଦିଏ ପ୍ରାଣକୁ ।

ସେ କେଉଁ ଚାହାଣୀ ବେଦନା -ବିଧୂର କବାଟ ଫାଙ୍କରେ ଦିଶେ
ଭୁଲିବି କିପରି ଅନ୍ତର ଭିତରେ ନିତି ରୂପ ତା'ର ଆସେ ।

ମୋ-୮୨୪୯୪୦୮୧୭୭

## ଘର ମୋର ଆହା କି ସୁନ୍ଦର

ନୂତନ କୁମାର ବେହେରା

ଘର ଅଟେ ମୋର ଆହା କି ସୁନ୍ଦର,
ମର୍ତ୍ତ୍ୟେ ସ୍ୱର୍ଗପୁର ଲାଗେ ମନୋହର।
ଇଟା ବାଲି ଗୋଡ଼ି ସିମେଣ୍ଟରେ ଗଢ଼ି,
ରଙ୍ଗ ତହିଁ ବୋଳି ରଖୁ ଯେ ସଜାଡ଼ି।
ସୁନ୍ଦର ଅଗଣା ହସର ଝରଣା,
ଦିଅଇ ପ୍ରେରଣା ଦେଖାଏ ଠିକଣା।
ଘରର ଭିତର ମନ ପସନ୍ଦର
ରହି ଧିର ସ୍ଥିର ପଢ଼ା କରେ ମୋର।
ପିତା ମାତାଙ୍କର ହାତେ ଗଢ଼ା ଘର,
ସ୍ନେହ ମମତାର ସେ ଆଶିଷ ଝର।
ଦେବାଦେବୀ ରୂପେ ଥାଆନ୍ତି ସମୀପେ,
ଉନ୍ନତିର କକ୍ଷେ ରୁହନ୍ତି ସଂକକ୍ଷେ।
ଜୀବନ୍ତ ପ୍ରତିମା ସୁଖ ଶିରୀ ସୀମା,
ଘରର ସୁଷମା ତାଙ୍କରି ମହିମା।
ଦିଅଁ ରୂପେ ପୂଜି ରହେ ଧ୍ୟାନେ ମଜି,
ଧନ ଜ୍ଞାନ ଅର୍ଜି ଶାନ୍ତି ପାଏଁ ଖୋଜି।
ମାଆ'ର ମମତା ସ୍ୱଚ୍ଛ ଶୁଭ ଚିନ୍ତା,
କରି ସହାୟତା ଆଣେ ସାର୍ଥକତା।

ବାପାଙ୍କର ତ୍ୟାଗ ଗଢ଼ିଦିଏ ଭାଗ୍ୟ,
ଭାବି ତା' ସୁଯୋଗ କରେ ଉପଯୋଗ।
ଚରଣେ ତାଙ୍କର କରି ମୁଁ ଜୁହାର,
ଆନନ୍ଦ ଅପାର ପାଉଥାଏ ଚିର।
ତାଙ୍କ ପାଇଁ ଘର ଆମ ପରିବାର
ସୁଖରେ ସଂସାର ହସେ ନିରନ୍ତର।
ଘରଟି ମୋହର ଅଟଇ ମନ୍ଦିର,
ପରିବେଶ ତାର ସ୍ୱଚ୍ଛ ନିର୍ବିକାର।
ମୋ ଭାଇ ଭଉଣୀ ସାଥେ ରହି ପୁଣି,
ଆପଣାର ମଣି କରାନ୍ତି ଅଗ୍ରଣୀ।
ପବିତ୍ର ହୃଦୟେ ଭାବ ବିନିମୟେ,
ରୁହନ୍ତି ସଦୟେ ଅଭୟେ ନିର୍ଭୟେ।
ପରସ୍ପରେ ଶ୍ରଦ୍ଧା ଆମ ପାଇଁ ସୁଧା,
ଘୁଞ୍ଚାଇ ମୋ ବାଧା ଦିଅଇ ସୁବିଧା।
ପରିବାର ଲାଗି ହୋଇ ଅନୁରାଗୀ,
ରହି ଥାଏଁ ଜଗି ହୁଏଁ ସହଭାଗୀ।
ସୁଖର ଭଣ୍ଡାର ଅଟଇ ଯେ ଘର,
ଜଗତେ ତାହାର ନାହିଁ ପଟାନ୍ତର।

ଘର ଅଟେ ମୋର ସବୁଠୁ ସୁନ୍ଦର,
ସଂପର୍କ ଆମର ରଖଇ ମଧୁର।



କୋହି, ବାରିପଦା, ମୟୂରଭଞ୍ଜ
ଦୂରଭାଷ -- ୮୦୧୮୩୫୩୩୨୨

## ମଳୟେ ମୋହିନୀ

ପ୍ରଣତି ଆଚାର୍ଯ୍ୟ ମିଶ୍ର

ମଦନ ଦହନ କରଇ ସମୀର
ମନରେ ବିରହ ଜ୍ୱାଳା
ମାର୍ମିକ ମଗନ ମାନସେ ମନାସେ
ମିଳନ ମାହେନ୍ଦ୍ରବେଳା

ମୋହିବ ଜୀବନ ପ୍ରଣୟ ମଲ୍ଲିକା
ମନ୍ମଇ ମୋହିନୀ ନିଶି
ମୀନନୟନରୁ ମଦନ କଟାକ୍ଷେ
ଢାଳିବ ମଦିରା ହସି

ମାନସୀ ଆସିବ ମଂଜୁଳ ହସିବ
କଟିରେ ମଣି ମେଖଳା
ମୁଗ୍ଧ କରିବ ମୂର୍ଚ୍ଛନା ତୋଳିବ
ମୌନାବତୀ ମଧୁବାଳା

ମନକୁ ସପନ ସପନ କି ସତ
ହୋଇବ ଆସିବ କ୍ଷଣେ

ମୁଖ ଚନ୍ଦ୍ରିକାରୁ ମଧୁ ବରଷଇ
ମୋହଭଗ୍ନ ହେବ କ୍ଷଣେ

ମୋହିବ ମାଧୁରୀ ମହେନ୍ଦ୍ର ମୁହୂର୍ତ୍ତେ
ମଉଳା ଘାସର ଶେଯେ
ମାୟା ବନ୍ଧନରେ ମୋହଗ୍ରସ୍ତ କରେ
ମୁହିର ମୁଦିତ ସଂଜେ ।।

ମେହଗ୍ନୀ ଦେହୀ ଗୋ ମୁଦାରା ଛନ୍ଦି
ମୃଗାକ୍ଷୀରୁ ଶର ମାରି
ମୃତ ସଞ୍ଜିବନୀ ମନ୍ତ୍ର ମର୍ମେ ଲେପ
ମାୟା ମଦକଳା ଧରି ।

ମୃଣାଳିନୀ ତୁମେ ଚାନ୍ଦିନୀ ରାତିର
ମୁକ୍ତକେଶୀ ମାୟାମୟୀ
ମୁଞ୍ଜିର ତୁମ ମାଧ୍ୱୀ ପୁରାତନ
ଯୁଗ ଯୁଗାନ୍ତର ପାଇଁ



ନୟାଗଡ଼
ମୋ-୯୪୩୭୬୪୨୯୪୭

## ଅରୂପ ଶକ୍ତି...

ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ପୃଷ୍ଟି

ଶେଷ ଶ୍ରାବଣର ମହ୍ଲାରରେ ତୁମେ ଆଶିଷର ଗୁଞ୍ଜରଣ
ସୀମାହୀନ ଏଇ ତୃଷ୍ଣା କାନନେ ତୁମେ ମିଠା ସମୀରଣ
ଶିଖା ସମ ତୁମେ ହୃଦୟ କନ୍ଦରେ ନିରନ୍ତରେ ଜଳୁଥାଅ
ସରି ଯାଇଥିବା ଦୀପର ତଇଳେ ସାଜି କରୁଣାର ଦିଅଁ ।



ଶବ୍ଦର ତୁମେ ଚାରୁ ଶୃଙ୍ଗାର ଭାବର ଅମୃତପଣ
ସୁବର୍ଣ୍ଣ ସକାଳ ତୁମ ଛାୟାରେଖ ଅପୂରୁବ ମନୋରମ
ସୃଜନ ସ୍ୱାକ୍ଷରେ ତୁମେ ସାଜ କେବେ କମନୀୟ କୋଟିକାନ୍ତି
ସଜଳ କଜଳ ବର୍ଣ୍ଣମାଳାର କେବେ ସତ୍ୟ କେବେ ଭ୍ରାନ୍ତି ।



ସତ୍ତ୍ୱ, ରଜ, ତମ ତ୍ରିଗୁଣରେ ତୁମେ ଅରୂପ ଶକ୍ତିଟିଏ
ସଳିଳରେ ପ୍ରାଣ ବୀଜରେ ଜୀବନ ତୁମ କରୁଣାରୁ ଝୁରେ
ସେବାରେ, ତ୍ୟାଗରେ, ଦାନରେ, ଧର୍ମରେ ତୁମେ ମରମର ରୂପ
ସୁଖ ଓ ଶାନ୍ତିର ପ୍ରଚ୍ଛନ୍ନରେ ତୁମେ ଐଶ୍ୱର୍ଯ୍ୟର ଭିନ୍ନ ଛାପ ।

ଶକ୍ତି ପାଇଁ ତୁମେ ଆଦ୍ୟମାତା ସାଜି କରୁଣାକୁ ଦିଅ ବଢ଼ାଇ
ସାରା ଦୁନିଆଟା ଖେଳାଅ ଏମିତି ଅଦୃଶ୍ୟ ଶକତି ହୋଇ ।

ଦଶରଥପୁର, ଯାଜପୁର,
୭୫୫୦୦୬, ଫୋନ-୭୩୭୭୩୧୮୭୮୯

## ବିଶ୍ୱାସର ସମ୍ପର୍କ

ଅନସୂୟା ପଣ୍ଡା

ଜୀବନର ଖସଡ଼ାରେ
ବିଶ୍ୱାସର ଆଲୋକିତ ରତୁଟିଏ
ଆଶାବାଦୀ ତତ୍ତ୍ୱରେ
ଚହଟୁଥାଉ ସଙ୍ଘର୍ଷର ରାତି।
ଖରା ପରେ ବର୍ଷା
ଆସିବାର ନିଶ୍ଚିତତାରେ
ଜୀବନ ସଞ୍ଚରୁଥାଉ ମରୁବାଲି ପରେ
କାକଟସର ଗହଳ କଣ୍ଟାରେ।
ସମ୍ଭାବନାର ବେଳା ଭୂମିରେ
ଫୁଲ ଫୁଟିବ ଉଚ୍ଛୁର ହେଲେ ବି
ବିଶ୍ୱାସର ଅନୁଦାନରେ
ପରିପୂର୍ଣ୍ଣ ବାସ୍ତବତାର ମାର୍ଗରେ ।
ବିଶ୍ୱାସର ଢିରାଟିଏ ସମ୍ଭାଳି ନେବ
ଝଡ଼ ପରର ଝାଟି ମାଟିକି
ବିଶ୍ୱାସ ପ୍ରତି ସକାଳେ ଛୁଇଁ ଯାଉ

ସକଳ ସତ୍ତାକୁ ଗଭୀର ଆଶ୍ଳେଷରେ।
ମଧୁର ଲଗ୍ନଟିଏ ତିଆରି ହେଉ
ଆଲୋକିତ ବିଶ୍ୱାସର ଉପସର୍ଗରେ
ବିଶ୍ୱାସର ବୀଜ ମନ୍ତ୍ରରେ ପରମ୍ପରା ସଂସ୍କୃତି
ପାଷାଣରେ ଦେବତାର ସ୍ଥିତି
ସମ୍ପର୍କର କୋଣାର୍କ ସୃଷ୍ଟି।



ବୁର୍ଲା, ସମ୍ବଲପୁର
ମୋ-୯୪୩୯୨୧୧୯୭୧

## ବନ୍ଦୀକଲା ପରେ

ପ୍ରଶାନ୍ତ କୁମାର ନାଥ

ମନ ପୁରୀରେ ବନ୍ଦୀକଲା ପରେ
ଉଡିବାକୁ କାହିଁ କୁହ
କେମିତି ଉଡିବି ସେ ପୁରୀ ସାଥେ
ଲାଗିଗଲା ପରେ ମୋହ ।

ତୁମଭାବନାରେ ମଜ୍ଜି ଗଲା ପରେ
ପଚାରୁଛ କୁହ କାହିଁ
ତୁମେ କି ଜାଣିନା ଏକାନ୍ତେ ବସୁଛି
ତୁମରି ଭାବନା ପାଇଁ ।

ଆଇନାକୁ ଏବେ ଚାହିଁ ଦେଲେ କେବେ
ଦିଶେ ମୋତେ ତୁମ ମୁହଁ
ମନ ପୁରୀରେ ବନ୍ଦୀ କଲାପରେ
ଉଡିବାକୁ କାହିଁ କୁହ ।

ସର୍ବହରା ଥିଲି ସର୍ବସ୍ୱ ସାଜିଲ
ପ୍ରେମର ପରଶ ଦେଇ
ଅମର ପ୍ରେମରେ ଅଗ୍ରଜ ମୁଁ ହେଲି

ଫେରିବାକୁ କୁହ କାହିଁ ।

ହସର ଠିକଣା ଦେଲା ପରେ ମୋତେ
ଆଖିର ଖୋଜୁଛ ଲୁହ
ମନ ପୁରୀରେ ବନ୍ଦୀ କଲାପରେ
ଉଡିବାକୁ କାହିଁ କୁହ ।

ଅଜଣା ପଥର ଯାତ୍ରୀଟିଏ ହୋଇ
ବଞ୍ଚୁଥିଲି ଏକା ଏକା
ସାଥେ ରହିବାକୁ ସାଥିଟିଏ ହୋଇ
ସାଜିଲ ମୋ ପ୍ରିୟସଖା ।

ମୋହୃଦ ମନ୍ଦିରେ ପୂଜିଲି ତୁମକୁ
ସଜେଇ ପ୍ରେମର ଦିଅଁ
ମନ ପୁରୀରେ ବନ୍ଦୀକଲା ପରେ
ଉଡିବାକୁ କାହିଁ କୁହ ।



ସୁନ୍ଦରପୁର, ଉତ୍ତରକୂଳ ହାଟ୍,
ପ୍ରୀତିପୁର, ଯାଜପୁର
ମୋ-୮୩୧୦୩୨୮୩୪୫

## 'ଯୁଦ୍ଧ'

କାଦମ୍ବରୀ ମହାଖୁଡ଼

ସଂଘର୍ଷ ଜୀବନର ବାସ୍ତବ ଅବାସ୍ତବର
ପଥହୀନ ବିମୋହିତ ମୋହ ଅହଂକାରର
ହୃଦୟ ବିମୂଢ଼ ଯୁକ୍ତି ଯୁକ୍ତ ପ୍ରଯୁକ୍ତି ସ୍ୱର
ଲୌହ ବିମାର୍ଗ ଅଧିକ ଅଦେଖା ଯନ୍ତ୍ରଣାର

କେବେ ସମ୍ପର୍କର କେବେ ରୁଦ୍ଧ ରାଜନୀତିର
ପ୍ରକମ୍ପିତ ଆନ୍ଦୋଳନ ପ୍ରଣୟ ମସ୍ତିଷ୍କର
କେଇଟା ତଲୱାର ଅବା ବାରୁଦ ବନ୍ଧୁକର
ନୀତି ନୂତନ କୁରୁକ୍ଷେତ୍ର ନ୍ୟାୟ ଅନ୍ୟାୟର



ଶତ୍ରୁତା ଶାସନ ବଳ କଷାଘାତ ସମର
ସ୍ଥିତିରୁ ଅବସ୍ଥିତି ବିରୁଦ୍ଧ ପରସ୍ପରର
ଦ୍ୱନ୍ଦ୍ୱ, ନିର୍ଦ୍ୱନ୍ଦ୍ୱ କୃତ୍ରିମ ଅକୃତ୍ରିମ ଦୁର୍ଗର
ଆଶାରୁ ଢେର ଅଧିକ ପ୍ରୟାସ ପ୍ରଲୋଭନର

କେବେ ଆନ୍ଦୋଳିତ ମନ ଦୁର୍ଶ୍ଚିନ୍ତ ଚିନ୍ତନର
କେତେ କଥା ଦିଆନିଆ ପ୍ରଲମ୍ବ ପ୍ରସ୍ତାବର
ଋତୁହୀନ ଦିଗନ୍ତରୁ ଦିଗନ୍ତ ସେ ତୃଷ୍ଣାର
ଶବ୍ଦରେ ଅବା ନିଶବ୍ଦ ମହାକାବ୍ୟ ଲଢ଼େଇର

ଯୁଦ୍ଧ ଏକ ପ୍ରାଜ୍ଞ ପ୍ରୟାସ ଜୟ ବିଜୟର
ଉଦାହରଣେ ଦୌପଦୀଙ୍କ ବସ୍ତ୍ର ହରଣର
ଯୁଦ୍ଧ ନୁହେଁ ଏ ତ ଧର୍ମ ଅଧର୍ମ ଲଢ଼େଇର
ସର୍ବଦା ଜିଭରେ ଲଟପଟ ଶବ୍ଦ ବାଣର ।
ଯୁଦ୍ଧର ପ୍ରାରମ୍ଭ ସଦା ଶବ୍ଦ ବାଣର ...

ଗୁଡ଼ିଆନାଳୀ, ଢେଙ୍କାନାଳ
ଦୂରଭାଷ -୮୯୦୮୪୧୪୯୭୯

## ଜୀବନ

ନଳିନୀ ଦାଶ

ଜୀବନଟା ନୁହେଁ ଥୁଣ୍ଟା ବରଗଛ
ଝଡ଼ିଗଲେ କଅଁଳିବ
ଜୀବନଟା ନୁହେଁ ଗାୟକର ଗୀତ
ସ୍ୱର ବଦଳେଇ ଦବ ।

ଜୀବନଟା ନୁହେଁ ଅସ୍ତଗାମୀ ସୂର୍ଯ୍ୟ
ପୁଣି ଉଦୟ ହେବ
ଜୀବନଟା ନୁହେଁ ରାତିର ଚନ୍ଦ୍ରମା
ଆଉଥରେ ଉଇଁଯିବ ।

ଜୀବନଟା ନୁହେଁ ଘାସର ଗାଲିଚା
କାଟିଦେଲେ କଅଁଳିବ
ଜୀବନଟା ନୁହେଁ ଛୋଟିଆ ପଥଟେ
ଚାଲୁଥିଲେ ସରିଯିବ ।

ଜୀବନଟା ନୁହେଁ ଚଢେଇର ବସା
ଛଡ଼ିଗଲେ ଝୁଲୁଥିବ
ଜୀବନଟା ନୁହେଁ ମାଟିହାଣ୍ଡି ଟିଏ
ଭାଙ୍ଗିଗଲେ ଗଢ଼ି ଦେବ ।

ଜୀବନଟା ଏକ ପ୍ରଦୀପର ଶିଖା
ପବନରେ ଲିଭିଯିବ
ଜୀବନଟା ଏକ ପାଣି ଫୋଟକାଟେ
ନିମିଷକେ ଫାଟିଯିବ ।

ଜୀବନଟା ଏକ ଜଉଘର ଟିଏ
ପୋଡ଼ିଦେଲେ ଜଳିଯିବ
ଜୀବନଟା ଗୋଟେ କ୍ଷଣିକ ନିଶ୍ୱାସ
ରହିଗଲେ ଟଳିଯିବ ।

ଜୀବନକୁ ଯଦି ଜାଳିଦେବା ଆମେ
ଜଳି ଜଳି ଲିଭିଯିବ
ଜୀବନକୁ ଯଦି ଗଢ଼ି ତୋଳିଦେବା
ଅନ୍ଧାରେ ଝଟକୁଥିବ ।



ଭିକାରିପଡ଼ା, ଶରଣକୁଳ, ନୟାଗଡ଼ ।
ଦୂରଭାଷ----୯୨୩୮୯୯୬୬୪୯

## ଅଭିସାର

ମମତା ପ୍ରିୟଦର୍ଶିନୀ ସାହୁ

ଖୋଳପାକୁ କରିଛି
ଟାଣ ଆଉ ସଶକ୍ତ
ଦୁଃଖ, ପୀଡ଼ା, ଆସକ୍ତିକୁ ଫିଙ୍ଗି,
ନଚେତ୍ ଟଳିପଡିବ ଅଚିରେ
ଦଣ୍ଡାୟମାନ ଇମାରତ୍ ।

ଏଇନା ଜରୁରୀ
କାନ୍ଥ ମଜ୍‌ବୁତ କରିବା
ପୁଟି ମାରିବା
ବଜ୍ରପାତରେ ଆଉ ଭୟ ରହିବନି ।

ପାଣି ଧାରରେ ଭସେଇବାକୁ ହେଲା
ନରମ ସ୍ୱଭାବ ,
ଆଉ
ପାଟି ଫିଟେଇବାକୁ ପଡ଼ିଲା
ଦୁନିଆର ହାବ ଭାବ , ରୀତିନୀତିକୁ
ଅସମୟରେ ହଜି ନ ଯିବା ପାଇଁ।

ଅଭିଶାପ ଆଉ ଦଂଶନକୁ ଡରି
ଏଇ ମୋର ଅଭିସାର ,
ନଚେତ୍ ଜୁଡ଼ାରେ ଥାନ୍ତା ଗୋଲାପ
ଅଧରରେ ସ୍ମିତ ହାସ୍ୟ
ଆଉ ହାତରେ ଚନ୍ଦ୍ରିକା।

ହାତ ମୁଠାରେ ଆଉ ରଖିନି
ବିଶ୍ୱାସର ପୁଷ୍ପଗୁଚ୍ଛ
କି ଓଠ ଧାରରେ ନାଇଁ
ହସଗୁଲାର ପାଖୁଡ଼ା ସବୁ ,
ଏବେ କେବଳ

ଅନ୍ଧାରକୁ ଚିରି
ଆଲୁଅ ଆଣିବାର ଦାୟିତ୍ୱରେ ମଗ୍ନ
ଏ ପାଦ ହଳକ ।

ଏବେ ଖୋଜନି ମୋତେ
ତୁଚ୍ଛାଟାରେ
କେବଳ ସାଉଁଟିବ
ହୃଦୟର ରକ୍ତିମ ଆଭା
ଶକ୍ତ ଆକାଶ ତଳର
ଟାଣ ଟାଣ ଗଛ ।

ଭିତରେ ଥାଉ ସେଇ
ନରମ ପାଦଚିହ୍ନ ,
ଅନ୍ଧାରୀ ପଥରେ
ଉଜ୍ଜ୍ୱଳ ତାରାକୁ ଅନେଇ

ଚାଲିବାର ଅଭ୍ୟାସ
ଜାରି ରହୁ ଅନବରତ ,
ନୋହିଲେ ଝରିବାକୁ ପଡ଼ିବ
କୋଉ ଏକ ପାଦ ଦେଶରେ ।

ଆଉ ଲୋଡ଼ା ନାହିଁ
ପୋଡ଼ା ସଳିତାର
କି ଅବା ଭୋରର ଶେଷ ତାରାର ,
ଫୁଲ ଫୁଟୁ କେବଳ ମନରେ
କଣ୍ଟା ଦିଶୁ ଏ ବାହ୍ୟ ଅବୟବରେ ।।

ସହକାରୀ ପ୍ରଫେସର
ଓଡ଼ିଆ ବିଭାଗ
ଡକ୍ଟର ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା
ପ୍ରତିଷ୍ଠାନ,ସମ୍ବଲପୁର

## ପରୀ

ସ୍ନିଗ୍ଧା ପଣ୍ଡା

ସେ ଦିନ ପରୀକୁ ଦି'ଟା ଡେଣା ମିଳିଲା
ରୂପା ମଖମଲି ଡେଣା
ଯିଏ ଦେଖିଲା ଘଡ଼ିଏ ଅଟକି ରହିଲା
ସେ ବି ବୁଲି ବୁଲି ଫୁଲେଇ ହେଲା
ଆଗ ପଛ ଖୋଲି ମୋଡ଼ି କୁଞ୍ଚେଇ
ସମସ୍ତଙ୍କୁ ଡେଣା ଦେଖେଇଲା
ଦିନେ ଭାବିଲା ଉଡ଼ିଯିବ ଦୂର ଆକାଶକୁ
ଦେଖିବ ଜହ୍ନ ତାରା ସୂର୍ଯ୍ୟ ବି
ବାଦଲ ସହ ତାଳ ପକେଇ
ଉପରକୁ ତଳକୁ

ଭିଜିବ ବର୍ଷାରେ
ଇନ୍ଦ୍ରଧନୁକୁ ଟିକେ ଚିଢ଼େଇ ଦବ
ଈର୍ଷାରେ

କେହି ନ ଥିବା ବେଳେ
ପରଖିନେଲା ଡେଣାକୁ
କେତେ ଦୂର କେତେ ଉଞ୍ଚ ଉଡ଼ି ଯାଇହେବ
ଧିରେ ଢୋକିନେଲା କିଛି ପବନ
ଝାଡ଼ିଲା ଡେଣା
ମାଟିରୁ ଉଠେଇ ନେଲା ପାଦ
ଫୁଲୁଥିଲା ଛାତି

ଓହୋ
ଏଥର ସାରା ଆକାଶଟା ତା'ର

ହେଲେ ପାରିଲାନି ବୋଲି
ନିଜକୁ ଚାହିଁଲା ଦୁଃଖରେ ଅପମାନରେ
ବୁଝିବାର କଣ ବାକିଥିଲା ଆଉ
ଆରମ୍ଭରୁ ପର କଟା ସରିଥିବା
ଡେଣା ଖାଲି ଦେଖେଇବା ପାଇଁ
ଉଡିବା ପାଇଁ ନୁହେଁ
ତାର ନାଁ ଖାଲି ପରୀ
ପରୀମାନେ ସତ ହୁଅନ୍ତିନି କେବେ
ଗପରେ ହିଁ ଜିଇଁଥାନ୍ତି ଜନ୍ମଜନ୍ମ ଯାଏଁ

ମୋ-୯୮୭୬୩୭୩୭୫୦

# ସମ୍ବାଦ କଳିକା

The Sambad Kalika

30 YEARS

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

E-mail : sambadkalikanews@gmail.com

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୪୯ ● ୧୫ ମାର୍ଚ୍ଚ ୨୦୨୪, ଶୁକ୍ରବାର ● ଭୁବନେଶ୍ୱର ● Vol -31 ● Issue-49 ● 15th March 2024, Friday ● Bhubaneswar

Licensed to post without pre-payment of postage No- BN-60/22-24


## ଇତିହାସ ରଚିଲେ ରାଚିନ ରବିନ୍ଦ୍ର



## କାର୍ ଦୁର୍ଘଟଣା ପରେ ହସ୍ପିଟାଲରେ ଭର୍ତ୍ତି ହେଲେ ଶ୍ରୀଲଙ୍କାର ପୂର୍ବତନ ଅଧିନାୟକ



**ନୂଆଦିଲ୍ଲୀ**

ଶ୍ରୀଲଙ୍କା କ୍ରିକେଟ ଟିମ୍‌ର ପୂର୍ବତନ ଅଧିନାୟକ ଲାହିରୁ ଥିରିମାଣେ ଭୟଙ୍କର କାର୍ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ଦୁର୍ଘଟଣା ଏତେ ଭୟଙ୍କର ହୋଇଥିଲା ଯେ, ଥିରିମାଣେଙ୍କ କାର୍‌ର ସାମ୍ନା ପଟ ସଂପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଯାଇଛି। ସେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଗୁରୁବାର ଶ୍ରୀଲଙ୍କାର ଅନୁରାଧାପୁରା ନିକଟରେ ତାଙ୍କ ସହ ଏପରି ଦୁର୍ଘଟଣା ଘଟିଛି।

ମିଳିଥିବା ସୂଚନା ଅନୁସାରେ, ଥିରିମାଣେ ଓ ତାଙ୍କ ପରିବାର ସହ କାର୍‌ରେ ଯାଉଥିବା ବେଳେ ସାମ୍ନା ପଟୁ ଆସୁଥିବା ଟ୍ରକ୍ ସହ ଧକ୍କା ହୋଇଥିଲା। ଘଟଣା ପରେ ଥିରିମାଣେ ଓ ତାଙ୍କ ପରିବାର ଜଣେ ସଦସ୍ୟଙ୍କୁ ଅନୁରାଧାପୁରା ଟିଚିଂ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେଠାରେ ଉଭୟଙ୍କର ଚିକିତ୍ସା ଚାଲିଛି। ତାଙ୍କ ଅବସ୍ଥା ସ୍ଥିର ଥିବା କୁହାଯାଉଛି। ଥିରିମାଣେ ବର୍ତ୍ତମାନ ଲିଜେଣ୍ଡ୍ସ କ୍ରିକେଟରେ ନ୍ୟୁୟର୍କ ଷ୍ଟ୍ରାଇକର୍ସ ପକ୍ଷରୁ ଖେଳୁଛନ୍ତି। ଉକ୍ତ ଫ୍ରାଞ୍ଚାଇଜ ପକ୍ଷରୁ ଥିରିମାଣେଙ୍କ ଦୁର୍ଘଟଣା ଖବରକୁ ନିଶ୍ଚିତ କରାଯାଇଛି। ଫ୍ରାଞ୍ଚାଇଜର କହିବା କଥା ଯେ ଥିରିମାଣେ ଓ ତାଙ୍କ ପରିବାରଙ୍କ ସହ ମନ୍ଦିର ଯାଉଥିଲେ। ଏହି ସମୟରେ ସେ କାର୍ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ଏବେ ନିରୀକ୍ଷଣ ପାଇଁ ସମସ୍ତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସମସ୍ତଙ୍କ ଅବସ୍ଥା ଆଦୌ ଚିନ୍ତାଜନକ ନୁହେଁ ବୋଲି ଫ୍ରାଞ୍ଚାଇଜ ପକ୍ଷରୁ କୁହାଯାଇଛି।




ଏଚ୍.ଆଇ.ଭି ଭୂତାଣୁ
ଶରୀରେ ପସିଲେ ନବାହାରେ ଆଉ ଧନ,
ନଷ୍ଟ କରିଦିଏ ରୋଗ ପ୍ରତିରୋଧ
ସଙ୍କଟେ ପଡେ ଜୀବନ

ଅସୁରକ୍ଷିତ ଯଉନ ସମ୍ପର୍କ,
ଅଶୋଧିତ ରକ୍ତ ପାଇଁ
ଏକ ସିରିଞ୍ଜ୍ ଓ ଛୁଞ୍ଚି ରେ ଔଷଧ
ନନେବ ଭଉଣୀ ଓ ଭାଇ

OSACS
ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା


## ୪୨ ଥର ପାଇଁ ରଣଜୀ ଟ୍ରଫି ଜିତିଲା ମୁମ୍ବାଇ



**ନୂଆଦିଲ୍ଲୀ**

ବିଦର୍ଭର ସବୁ ପ୍ରକାରର ପ୍ରତିରୋଧକୁ ୫ମ ଦିନର ମଧ୍ୟାହ୍ନ ସମୟରେ ଭାଙ୍ଗି ଦେଇଛି ମୁମ୍ବାଇ। ଫାଇନାଲ ମ୍ୟାଚ୍‌ର ଶେଷ ଦିନରେ ମୁମ୍ବାଇ ୧୬୯ ରନରେ ବିଦର୍ଭକୁ ହରାଇ ୪୨ ଥର ପାଇଁ ରଣଜୀ ଟ୍ରଫି ଜିତିଛି। ୨୦୧୫-୧୬ ପରେ ମୁମ୍ବାଇ ପ୍ରଥମଥର ଟ୍ରଫି କବ୍‌ଜା କରିଛି। ଦୀର୍ଘ ୮ ବର୍ଷ ପରେ ମୁମ୍ବାଇ କ୍ୟାମ୍ପ୍‌କୁ ରଣଜୀ ଟ୍ରଫି ଫେରିଛି। ଅଜିଙ୍କ୍ୟ ରାହାଣେ ମୁମ୍ବାଇର ୨୬ତମ ଅଧିନାୟକ ଭାବେ ରଣଜୀ ଟ୍ରଫି ଟାଇଟଲ ହାସଲ କରିଛନ୍ତି। ମୁମ୍ବାଇର ସ୍ପିନ ବୋଲିଂ ଅଲରାଉଣ୍ଡର ତନୁଶ କୋଟିଆନ ଓ ଦ୍ରୁତ ବୋଲର ତୁଷାର ଦେଶପାଣ୍ଡେ ବିଦର୍ଭର ଟ୍ରଫି ଜିତିବା ସ୍ୱପ୍ନକୁ ଚୂରମାର କରି ଦେଇଛନ୍ତି। ୫୩୮ ରନର ବିଶାଳ ଟାର୍ଗେଟକୁ ପିଛା କରୁଥିବା ବିଦର୍ଭ ଦ୍ୱିତୀୟ ଇନିଂସରେ ୩୬୮ ରନରେ ଅଲଆଉଟ ହୋଇଛି। ଦଳର ଅଧିନାୟକ ଅକ୍ଷୟ ୱାଡକର (୧୦୨) ଓ ହର୍ଷ ଦୁବେ(୬୫) ଦମ୍‌ଦାର ବ୍ୟାଟିଂ କରିବା ସହ ମୁମ୍ବାଇକୁ କୌଣସି ସଫଳତା ହାସଲ କରିବାକୁ ଦେଇ ନଥିଲେ। କିନ୍ତୁ ଲଞ୍ଚ ପରେ ମୁମ୍ବାଇର ବୋଲର ଦଳର ବିଜୟକୁ ବିଜୟକୁ ନିଶ୍ଚିତ କରିଥିଲେ। କୋଟିଆନ ଓ ଅନ୍ୟ ବୋଲରମାନେ ନିଜର ଜଲୱା ଦେଖାଇଥିଲେ। ନିଜର ଶେଷ ରଣଜୀ ମ୍ୟାଚ୍ ଖେଳୁଥିବା ଧଲ କୁଲକର୍ଣ୍ଣୀ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ତାଙ୍କୁ ଶେଷ ମ୍ୟାଚ୍‌ରେ ଅଧିନାୟକ ରାହାଣେ ଓ ୱାଙ୍ଖେଡେ ଦର୍ଶକ ପୂରା ସମର୍ଥନ କରିଥିଲେ। ସେ ବିଦର୍ଭର ଶେଷ ବ୍ୟାଟର ଉମେଶ ଯାଦବଙ୍କୁ ବୋଲ୍ଡ କରି ମୁମ୍ବାଇକୁ ୪୨ ଥର ପାଇଁ ରଣଜୀ ଚମ୍ପିୟନ କରିଥିଲେ। ସେ ବିଜୟର ଶେଷ ୱିକେଟ ନେଇ ନିଜର ବିଦାୟକୁ ଅଧିକ ସ୍ମରଣୀୟ କରିଛନ୍ତି।

ମୁମ୍ବାଇ ତା'ର ପ୍ରଥମ ଇନିଂସରେ ୨୨୪ ରନ କରିଥିଲା। ଏହାର ଜବାବରେ ବିଦର୍ଭ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ କେବଳ ୧୦୫ ରନ କରିବାକୁ ସକ୍ଷମ ହୋଇଥିଲା। ଦ୍ୱିତୀୟ ଇନିଂସରେ ୧୯ ବର୍ଷୀୟ ମୁଶୀର ଖାନଙ୍କ ଲଢୁଆ ଶତକ ବଳରେ ମୁମ୍ବାଇ ୪୧୮ କରିଥିଲା। ଏହାପରେ ବିଦର୍ଭକୁ ଜିତିବା ପାଇଁ ୫୩୮ ରନର ବିଶାଳ ଲକ୍ଷ୍ୟ ମିଳିଥିଲା। ଦଳ ଦମ୍‌ଦାର ଲଢ଼େଇ କରିବା ସହ ମ୍ୟାଚ୍‌କୁ ଡ୍ର' କରିବା ପାଇଁ ଚେଷ୍ଟା କରିଥିଲା। କିନ୍ତୁ ମୁମ୍ବାଇ ବୋଲର ଲଞ୍ଚ୍ ପରେ କମାଲ କରି ବିଦର୍ଭକୁ ୩୬୮ ରନରେ ଅଲଆଉଟ୍ କରି ଦେଇଥିଲେ।

ପୂରା ସଜିନରେ ମୁମ୍ବାଇ ପାଇଁ ଚମତ୍କାର ପ୍ରଦର୍ଶନ କରିଥିବା କୋଟିଆନ ୫୦୨ ରନ କରିବା ସହ ୨୯ ୱିକେଟ ନେଇଛନ୍ତି। ଏଥିପାଇଁ ତାଙ୍କୁ ମ୍ୟାନ ଅଫ ଦି ସିରିଜ୍ ମିଳିଛି। ସେହିପରି ଦ୍ୱିତୀୟ ଇନିଂସରେ ୧୩୬ ରନ କରିବା ସହ ୨ଟି ୱିକେଟ ନେଇଥିବା ମୁଶୀରଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ପୁରସ୍କାର ମିଳିଛି। ବିଜୟ ଟ୍ରଫି ସହ ଅଜିଙ୍କ୍ୟ ରାହାଣେ ୫ କୋଟି ଟଙ୍କାର ଚେକ୍ ବିସିସିଆଇ ଠାରୁ ଗ୍ରହଣ କରିଛନ୍ତି। ସେ ମୁମ୍ବାଇ ଖେଳାଳିଙ୍କୁ ପ୍ରଶଂସା କରିଛନ୍ତି। ଏଥିସହ ବିଦର୍ଭକୁ ମଧ୍ୟ ଲଢ଼େଇ ପାଇଁ ସଲାମ କରିଛନ୍ତି।

## ୮ମ ବାର୍ଷିକ ସିପିଏଲ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ କଲେଜ ପଡ଼ିଆରେ ୮ମ ବାର୍ଷିକ ସିପିଏଲ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଜଗନ୍ନାଥ ୱାରିୟର୍ସ ମା' ହିଙ୍ଗୁଳା ଫାଇଟର୍ସକୁ ୪ ୱିକେଟରେ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ମା' ହିଙ୍ଗୁଳା ଫାଇଟର୍ସ ୧୦ ଓଭରରେ ୯ ୱିକେଟ ହରାଇ ୧୧୩ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ରଥୁ ନାଏକ ୪୧, ଶୁଭ ପ୍ରସାଦ ୩୩ ଓ ଶୁଭେନ୍ଦୁ ଦାସ ୨୭ ରନ କରିଥିବା ବେଳେ ବିପକ୍ଷ ଦଳର ସ୍ମିତ ସେଠି ୩ଟି ୱିକେଟ ଅକ୍ତିଆର କରିଥିଲେ। ଉତ୍ତରରେ ଜଗନ୍ନାଥ ୱାରିୟର୍ସ ୯.୪ ଓଭରରେ ୬ ୱିକେଟ ହରାଇ ୧୧୪ ରନ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ। ଦଳ ପକ୍ଷରୁ ସୁଧାକର ନାଏକ ୩୫ ଓ ଶିବପ୍ରକାଶ ପାତ୍ର ଏବଂ ପ୍ରୀତିଦେବ ଜେନା ୨୮ ରନ ଲେଖାଏଁ ସଂଗ୍ରହ କରିଥିଲେ। କେ. ଇନ୍ଦ୍ରଜିତ ପ୍ରସାଦ ଓ ଲକ୍ଷ୍ମୀଧର ସିଂ ଖେଳ ପରିଚାଳନା କରିଥିବା ବେଳେ ମାନସ ପାଣ୍ଡ ସ୍କୋରିଂରେ ସହାୟତା କରିଥିଲେ। ପଙ୍କଜ ମହାକୁଡ଼ ଓ ବୁବୁନ ବାରିକ ଧାରବିବରଣୀ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ଯୋଗ ଦେଇ ନଗରପାଳ କୃଷ୍ଣନନ୍ଦ ମହାନ୍ତି, ଉପ ନଗରପାଳ ସୀମା ଦାସ, ଇ ବିପ୍ଳବ ଭୁଗୁଡେଇ ଓ ସିନେ ପ୍ରଯୋଜକ ସଂଜୀବ ଦ୍ୱିବେଦୀ, ପୂର୍ବତନ କାଉନସିଲର ଦେବାଶିଷ ଦାସ, ସମାଜସେବୀ ଦୀପା ରାଉତରାୟ ପ୍ରମୁଖ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ୨୪ ତାରିଖ ଦିନ ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି ଆୟୋଜକ ଜିତ ପଟ୍ଟନାୟକ ଜଣାଇଛନ୍ତି।

## ବହୁମୁଖୀ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ଉଦ୍‌ଘାଟିତ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ପୌରାଞ୍ଚଳ ୧ନଂ ୱାର୍ଡ ଅଧିନ ଶ୍ୟାମଗୁଡିଆ ଠାରେ ବହୁମୁଖୀ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଏହି ଷ୍ଟାଡିୟମକୁ ବୁଧବାର ଅପରାହ୍ନରେ ଲୋକାର୍ପଣ କରିଥିଲେ । ରାଜ୍ୟର ଯୁବଶକ୍ତିକୁ ସଶକ୍ତ କରିବା ଓ କ୍ରୀଡ଼ା ଭିତ୍ତିଭୂମିର ବିକାଶ କରିବା ସହ ଯୁବ ପ୍ରତିଭା ମଧ୍ୟରେ ଥିବା କ୍ରୀଡ଼ା ନୈପୁଣ୍ୟକୁ ଅଧିକ ଶକ୍ତିଶାଳୀ ଦକ୍ଷ କରିବା ପାଇଁ ଏହି ଷ୍ଟାଡିୟମ ଗୁଡିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ୫-ଟି ଅଧକ୍ଷ ଭି. କାର୍ତ୍ତିକେୟ ପାଣ୍ଡିଆନ ଏହି ଅବସରରେ ଉଦ୍‌ବୋଧନ ଦେଇ ଏହି ଇଣ୍ଡୋର ଷ୍ଟାଡିୟମ ଲୋକମାନଙ୍କର ସମ୍ପତ୍ତି, ଏହାର ଯତ୍ନ ଓ ଦାୟିତ୍ୱ ନେବା ଲୋକମାନଙ୍କର କର୍ତ୍ତବ୍ୟ ବୋଲି ସୂଚାଇ ଦେଇଥିଲେ । ଏ ଉପଲକ୍ଷେ ଷ୍ଟାଡିୟମ ପରିସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଧାୟକ ଶଶି ଭୂଷଣ ବେହେରା, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ପୌରାଧକ୍ଷା ସରିତା ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, କେନ୍ଦ୍ରାପଡା କ୍ରିକେଟ୍ ଆସୋସିଏସନ ସଂପାଦକ ଶୁଭାଶିଷ ସେନାପତିଙ୍କ ସମେତ ବହୁ କ୍ରୀଡାବିତ୍, କ୍ରୀଡ଼ା ସଂଗଠକ ଓ କ୍ରୀଡ଼ା ପ୍ରେମୀମାନେ ଉପସ୍ଥିତ ଥିଲେ ।




30 YEARS
ସମ୍ବାଦ କଳିକା
ଭୁବନେଶ୍ବର, ୧୫ ମାର୍ଚ୍ଚ ୨୦୨୪ ଶୁକ୍ରବାର



# ଯୁବବର୍ଗଙ୍କ ସୁସ୍ଥ ଜୀବନଚର୍ଯ୍ୟା ପାଇଁ ରେଡ୍ ରିବନ କ୍ଲବ୍ କାଉନସେଲରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ବର, ନ୍ୟୁଜ୍‌ବ୍ୟୁରୋ**

ଏଚ.ଆଇ.ଭି/ ଏଡ୍‌ସ ସଂକ୍ରମଣ ନିୟନ୍ତ୍ରଣ ଏବଂ ଯୁବବର୍ଗଙ୍କୁ ସୁସ୍ଥ ଜୀବନ ଯାପନ କରିବାକୁ ପ୍ରବର୍ତ୍ତାଇବା ପାଇଁ ରେଡ୍ ରିବନ କ୍ଲବର କାଉନସେଲର (ଅଧ୍ୟାପକ) ମାନଙ୍କର ଗୁରୁଦାୟିତ୍ୱ ରହିଛି । ଓସାକ୍ସ ଦ୍ୱାରା ଆୟୋଜିତ ଏହି ଏକ ଦିବସୀୟ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ସ୍ୱାଗତ ଅଭିଭାଷଣ ଦେଇ ପ୍ରକଳ୍ପ ନିର୍ଦ୍ଦେଶକ ଡାକ୍ତର ସନ୍ତୋଷ କୁମାର ସ୍ୱାଇଁ ଏହା କହିଛନ୍ତି । ସେ କହିଛନ୍ତି ଯେ ୨୦୩୦ ସୁଦ୍ଧା ଏଚ.ଆଇ.ଭି./ ଏଡସ୍‌କୁ ସମାପ୍ତ କରିବାର ମିଳିତ ଜାତିସଂଘର ଲକ୍ଷ୍ୟ ହାସଲ କରିବାରେ ରେଡକ୍ରସ ସହଯୋଗରେ ଓସାକ୍ସ ଦ୍ୱାରା ବର୍ତ୍ତମାନ ରାଜ୍ୟର ବିଭିନ୍ନ କଲେଜରେ ୬୪୦ ରେଡ ରିବନ କ୍ଲବ ଖୋଲାଯାଇଛି । ରେଡ ରିବନ କ୍ଲବ ଜରିଆରେ ଏଚ.ଆଇ.ଭି ସଂକ୍ରମଣ ନେଇ ସଚେତନତା କ୍ଷେତ୍ରରେ ଛାତ୍ରଛାତ୍ରୀମାନଙ୍କର ଭୂମିକା ମଧ୍ୟ ବେଶ୍ ପ୍ରଶଂସନୀୟ । ଏଥିପାଇଁ ରେଡ ରିବନ କ୍ଲବ କାଉନସେଲରମାନେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ଯାହାଙ୍କର ସୁଶିକ୍ଷା ଉଚିତ ମାର୍ଗ ପ୍ରଦର୍ଶନ ଓ ପ୍ରୋତ୍ସାହନରେ ଯୁବ ବୟସରେ ପଦାର୍ପଣ କରିଥିବା ଏହି ପିଲାମାନେ ସଠିକ ମାର୍ଗକୁ ବାଛିନେବାରେ ବ୍ରତି ହୋଇଛନ୍ତି । ଏହାକୁ ଆହୁରି ତୀବ୍ର କରିବା ପାଇଁ ପ୍ରଚେଷ୍ଟା ଜାରି ରଖିବାକୁ ସେ ପରାମର୍ଶ ଦେଇ ଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରେଡକ୍ରସ ସୋସାଇଟି ସଚିବ ବିଭୂତି ଭୂଷଣ ପଟ୍ଟନାୟକ କହିଥିଲେ ଯେ ସବୁ କ୍ଷେତ୍ରରେ ଯୁବଗୋଷ୍ଠୀ ସର୍ବାଗ୍ରେ ରହିଥାନ୍ତି । ସେ ସ୍ୱତନ୍ତ୍ରତା ହେଉ ବା ବିକାଶ କ୍ଷେତ୍ରରେ ହେଉ ସବୁ କ୍ଷେତ୍ରରେ ଯୁବଗୋଷ୍ଠୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରଶଂସନୀୟ । ଏଚ.ଆଇ.ଭି ସଂକ୍ରମଣ କ୍ଷେତ୍ରରେ ଯୁବବର୍ଗମାନେ ଅଧିକ ବିପଦସଙ୍କୁଳ ହୋଇଥିବାରୁ ଯୁବବର୍ଗଙ୍କୁ ସଠିକ ମାର୍ଗ ପ୍ରଦର୍ଶନ କରିବା କ୍ଷେତ୍ରରେ ରେଡ ରିବନ କ୍ଲବର କାଉନସେଲର ବା ଯୁବ ରେଡକ୍ରସ କାଉନସେଲରମାନଙ୍କର ଭୂମିକା ସର୍ବଦା ଗୁରୁତ୍ୱପୂର୍ଣ୍ଣ ରହିଛି । ଓସାକ୍ସ ଏବଂ ରେଡକ୍ରସ ମିଳିତ ଭାବେ ଏକ ସୁସ୍ଥ ସମାଜ ଗଠନ କରିବା ଦିଗରେ ଅଗ୍ରସର ହେଉଛନ୍ତି । ଯୁବବର୍ଗଙ୍କୁ ଏଚ.ଆଇ.ଭି ସଂକ୍ରମଣ ଠାରୁ ଦୂରରେ ରଖିବା ପାଇଁ ଏହିଭଳି କାର୍ଯ୍ୟକ୍ରମ ଏବଂ କଲେଜ ସ୍ତରରେ ଅଧ୍ୟାପକ ମାନଙ୍କର ପ୍ରଚେଷ୍ଟା ଲାଭ-ପ୍ରଦ ହେବ । ଏହି ଅବସରରେ ଯୁବ ରେଡକ୍ରସ ଅଧିକାରୀ ରମେଶ ଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମସ୍ତ କାଉନସେଲର ମାନଙ୍କୁ ଯୁବଗୋଷ୍ଠୀଙ୍କୁ ସଚେତନ କରିବା ସହିତ ସେମାନଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ଜିଲାରୁ ୮୦ରୁ ଅଧିକ ରେଡ ରିବନ କ୍ଲବର କାଉନସେଲର (ଅଧ୍ୟାପକ) ଯୋଗ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ କନିଷ୍ଠ ରେଡକ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ, ଯୁବ ରେଡକ୍ରସର ରାଜ୍ୟ କୋଅର୍ଡିନେଟର ଗୋପାଳକୃଷ୍ଣ ମିଶ୍ର ଉପସ୍ଥିତ ରହି ସଚେତନତା କାର୍ଯ୍ୟକ୍ରମକୁ କିଭଳି ଅଧିକ ତ୍ୱରାନ୍ୱିତ କରିହେବ ସେ ନେଇ ଆଲୋକପାତ କରିଥିଲେ । ଓସାକ୍ସର ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ଡି.ଏସ. ଅରବିନ୍ଦ, ଅତିରିକ୍ତ ନିର୍ଦ୍ଦେଶକ ଇଂ ଅଜୟ କୁମାର ପାତ୍ର, ଅତିରିକ୍ତ ନିର୍ଦ୍ଦେଶକ ସ୍ମୃତି ସାଗରୀକା କାନୁନଗୋ ଏବଂ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ରହି ରାଜ୍ୟରେ ଏଚ.ଆଇ.ଭି.ର ସ୍ଥିତି, ଏଚ.ଆଇ.ଭି ଅଧିନିୟମ, ରେଡ ରିବନ କ୍ଲବର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ବିଷୟରେ ସବିଶେଷ ଆଲୋକପାତ କରିଥିଲେ ।

# ସୋନପୁରକୁ ଗଡିବ ଚାରିଟି ଟ୍ରେନ୍ : ଭୁବନେଶ୍ବର-ବଲାଙ୍ଗୀର ଏକ୍ସପ୍ରେସ ଏବଂ ଦୁଇ ଯୋଡ଼ି ବଲାଙ୍ଗୀର-ବିଛୁପାଲି ପାସେଞ୍ଜର ସୋନପୁରକୁ ସମ୍ପ୍ରସାରିତ ହେବ

**ଭୁବନେଶ୍ବର, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗିର ପାର୍ଶ୍ୱରୁ ସୋନପୁର ପର୍ଯ୍ୟନ୍ତ ଟ୍ରେନ ଲାଇନ କାର୍ଯ୍ୟକ୍ଷମ ହେବା ଏବଂ ସ୍ଥାନୀୟ ଲୋକଙ୍କ ଆକାଂକ୍ଷାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର-ବଲାଙ୍ଗିର-ଭୁବନେଶ୍ୱର ଏକ୍ସପ୍ରେସ ଏବଂ ଦୁଇ ଯୋଡି ବଲାଙ୍ଗୀର-ବିଛୁପାଲି ପାସେଞ୍ଜର ସୋନପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ନିଷ୍ପତ୍ତି ନିଆଯାଇଛି ।



**ଭୁବନେଶ୍ୱର-ବଲାଙ୍ଗୀର ଏକ୍ସପ୍ରେସର ସୋନପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ :** ୧୨୮୯୩ ଭୁବନେଶ୍ୱର-ବଲାଙ୍ଗୀର-ସୋନପୁର ଏକ୍ସପ୍ରେସ ବଲାଙ୍ଗୀରରେ ପହଞ୍ଚିବା ପରେ ଅପରାହ୍ନ ୦୧ଘ.୪୫ମି.ରେ ସୋନପୁର ଅଭିମୁଖେ ଯାତ୍ରା କରିବ ଏବଂ ଅପରାହ୍ନ ୦୩ଘ.୧୫ମି.ରେ ସୋନପୁରରେ ପହଞ୍ଚିବ । ଫେରିବା ମାର୍ଗରେ ୧୨୮୯୪ ସୋନପୁର-ଭୁବନେଶ୍ୱର ଏକ୍ସପ୍ରେସ ସୋନପୁରରୁ ଅପରାହ୍ନ ୦୧ ଘଟିକାରେ ଛାଡି ଅପରାହ୍ନ ୦୨ଘ.୨୫ମି.ରେ ବଲାଙ୍ଗୀରରେ ପହଞ୍ଚିବ । ଏହି ଟ୍ରେନ ଅପରାହ୍ନ ୦୨ଘ.୪୫ମି.ରେ ବଲାଙ୍ଗୀର ଷ୍ଟେସନରୁ ଛାଡି ରାତ୍ରି ୦୯ଘ.୪୫ମି.ରେ ଭୁବନେଶ୍ୱରରେ ପହଞ୍ଚିବ । ଏହି ଟ୍ରେନ ୧୪.୦୩.୨୦୨୪ ଠାରୁ ସୋନପୁରରୁ ଏବଂ ୧୫.୦୩.୨୦୨୪ ଠାରୁ ଭୁବନେଶ୍ୱରରୁ ନିୟମିତ ଭାବେ ଚଳାଚଳ କରି ସେବା ପ୍ରଦାନ କରିବ ।

୧୨୮୯୩/୧୨୮୯୪ ଭୁବନେଶ୍ୱର-ସୋନପୁର-ଭୁବନେଶ୍ୱର ଏକ୍ସପ୍ରେସର ସମୟ ସାରଣୀ ଓ ରହଣି ଷ୍ଟେସନ ଉଭୟ ପାର୍ଶ୍ୱରୁ ଭୁବନେଶ୍ୱର ଏବଂ ବଲାଙ୍ଗୀର ମଧ୍ୟରେ ଅପରିବର୍ତ୍ତିତ ରହିବ । ବଲାଙ୍ଗୀର ଏବଂ ସୋନପୁର ମଧ୍ୟରେ ଏହି ଟ୍ରେନ ବିଛୁପାଲି, ଝରତରଭା ଏବଂ ନରସିଂହଗଡ଼ ରେଳ ଷ୍ଟେସନରେ ରହଣି କରିବ ।

**ବଲାଙ୍ଗୀର-ବିଛୁପାଲି ପାସେଞ୍ଜର ୧୫ ମାର୍ଚ୍ଚ ୨୦୨୪ ଠାରୁ ସୋନପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ:** ୦୮୩୦୫/୦୮୩୦୬ ବଲାଙ୍ଗୀର-ବିଛୁପାଲି-ବଲାଙ୍ଗୀର ପାସେଞ୍ଜର ସୋନପୁରକୁ ସମ୍ପ୍ରସାରଣ କରାଯାଇଛି । ଏହି ଟ୍ରେନ ବଲାଙ୍ଗୀରରୁ ପୂର୍ବାହ୍ନ ୦୮ଘ.୧୫ମି.ରେ ଛାଡି ସୋନପୁରରେ ପୂର୍ବାହ୍ନ ୦୯ଘ.୪୫ ମି.ରେ ପହଞ୍ଚିବ । ଫେରିବା ମାର୍ଗରେ ଏହି ଟ୍ରେନ ସୋନପୁରରୁ ପୂର୍ବାହ୍ନ ୧୦ଘ.୪୫ମି.ରେ ଛାଡି ମଧ୍ୟାହ୍ନ ୧୨ ଘଟିକାରେ ବଲାଙ୍ଗୀରରେ ପହଞ୍ଚିବ ।

୦୮୩୦୭/୦୮୩୦୮ ବଲାଙ୍ଗୀର-ବିଛୁପାଲି-ବଲାଙ୍ଗୀର ପାସେଞ୍ଜରକୁ ସୋନପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଅଛି । ଏହି ଟ୍ରେନ ବଲାଙ୍ଗୀରରୁ ଅପରାହ୍ନ ୧୨ଘ.୫୦ମି.ରେ ଛାଡି ସୋନ-ପୁରରେ ଅପରାହ୍ନ ୦୨ଘ.୨୦ମି. ରେ ପହଞ୍ଚିବ । ଫେରିବା ମାର୍ଗରେ ଏହି ଟ୍ରେନ ସୋନପୁରରୁ ସନ୍ଧ୍ୟା ୦୫ ଘଟିକାରେ ଛାଡି ସନ୍ଧ୍ୟା ୦୬ଘ.୧୫ ମି.ରେ ବଲାଙ୍ଗୀରରେ ପହଞ୍ଚିବ ।

**୧୫ ମାର୍ଚ୍ଚ ୨୦୧୪ ଠାରୁ ବଲାଙ୍ଗୀର ଏବଂ ସୋନପୁର ମଧ୍ୟରେ ନୂତନ ଟ୍ରେନ ପ୍ରଚଳନ:** ୦୮୩୦୯/୦୮୩୧୦ ବଲାଙ୍ଗୀର-ସୋନପୁର-ବଲାଙ୍ଗୀର ପାସେଞ୍ଜର ୧୫ ମାର୍ଚ୍ଚ ୨୦୧୪ ଠାରୁ ବଲାଙ୍ଗୀରରୁ ସନ୍ଧ୍ୟା ୦୭ଘ. ୧୫ମି.ରେ ଛାଡି ସୋନପୁରରେ ସନ୍ଧ୍ୟା ୦୮ଘ.୪୫ମି.ରେ ପହଞ୍ଚିବ । ଫେରିବା ମାର୍ଗରେ ଏହି ଟ୍ରେନ ସୋନପୁରରୁ ୧୬ ମାର୍ଚ୍ଚ ୨୦୨୪ ଠାରୁ ଭୋର ୦୪ଘ.୧୫ମି.ରେ ଛାଡି ବଲାଙ୍ଗୀର ଠାରେ ସକାଳ ୦୫ଘ.୩୦ମି.ରେ ପହଞ୍ଚିବ ।

# ଆଜିଠୁ ଫକୀରମୋହନ ବିଶ୍ୱବିଦ୍ୟାଳୟର ଆନ୍ତର୍ଜାତିକ ମିଡିଆ କନକ୍ଲେଭ

**ବାଲେଶ୍ବର, ନ୍ୟୁଜ୍**

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଚଳିତ ମାସ ୧୫ ଓ ୧୬ ତାରିଖରେ ଏକ ଦୁଇଦିନିଆ ଆନ୍ତର୍ଜାତିକ କନକ୍ଲେଭ୍ ସହ ଆଲୋଚନାଚକ୍ର ଅନୁଷ୍ଠିତ ହେବାକୁ ଯାଉଛି । ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ଆୟୋଜିତ ତଥା ୟୁନିସେଫ ଓ ଟାଟା ପାୱାର ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ( ଟି ପି ଏନଓଡିଏଲ) ଦ୍ୱାରା ପ୍ରାୟୋଜିତ ଏହି କାର୍ଯ୍ୟକ୍ରମ ସଂପର୍କିତ ସମସ୍ତ ସୂଚନା ବିଭାଗର ମୁଖ୍ୟ ତଥା କନକ୍ଲେଭର ଆବାହକ ଡକ୍ଟର ଭାରତୀ ବାଳା ପଟ୍ଟନାୟକ ପ୍ରଦାନ କରିଛନ୍ତି । ଏହାର ମୂଳପ୍ରସଙ୍ଗ ଗଣମାଧ୍ୟମ, ରାଜନୀତି ଏବଂ ଗଣତନ୍ତ୍ର ରହିଅଛି । ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟଗୁଡିକ ମଧ୍ୟରେ ଏକାଡେମିକ୍, ମିଡିଆ ପାଇଁ ଏକ ସ୍ୱତନ୍ତ୍ର ପ୍ଲାଟଫର୍ମ ପ୍ରଦାନ କରିବା, ବୃତ୍ତିଗତ, ବିଦ୍ୱାନ ଏବଂ ଅନ୍ୟାନ୍ୟ ବିଶେଷଜ୍ଞଙ୍କୁ ଏହି ଆଲୋଚନାଚକ୍ରର ଅଂଶୀଦାର କରିବା ସହ ଅଂଶଗ୍ରହଣକାରୀଙ୍କ ଭୂମିକା ଉପରେ ଗଠନମୂଳକ ସଂଳାପରେ ନିୟୋଜିତ କରାଇବା, ରାଜନୈତିକ ପ୍ରକ୍ରିୟା ଏବଂ ଗଣତାନ୍ତ୍ରିକ ଗଣମାଧ୍ୟମ ଶାସନର ଜଟିଳତା ବିଷୟରେ ଏକ ଗଭୀର ବୁଝାମଣା ପ୍ରତିପୋଷଣ କରିବା, ଗଣମାଧ୍ୟମ, ରାଜନୀତି ଏବଂ ଗଣତନ୍ତ୍ର, ଗଣମାଧ୍ୟମର ପ୍ରଭାବ ଅନୁସନ୍ଧାନ ବିଷୟରେ ମତାମତ ଗ୍ରହଣ କରିବା, ଏହାର ଅଭ୍ୟାସ, ପ୍ରଯୁକ୍ତି ବିଦ୍ୟା ସହ କାର୍ଯ୍ୟ ନିର୍ବାହ କରିବା, ଏବଂ ଉପଲବ୍ଧ ନିୟମାବଳୀ ସଂପର୍କରେ ଆଲୋକପାତ କରିବା, ରାଜନୈତିକ ଆଲୋଚନା ଏବଂ ଗଣତାନ୍ତ୍ରିକ ଆଦର୍ଶ ବିଷୟରେ ଅବଗତ ହେବା, ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ଉତ୍ତମ ଗଣମାଧ୍ୟମ ସମାଜରେ କିପରି ପ୍ରୋତ୍ସାହିତ ହୋଇପାରିବ ସେ ବିଷୟରେ ଆଲୋଚନା କରିବା, ରାଜନୈତିକ ବ୍ୟବସ୍ଥାରେ ଶାସନ, ସର୍ବୋତ୍ତମ ଅଭ୍ୟାସ ଗୁଡିକର ଧାରଣା ଏବଂ ଭୁଲ ତଥ୍ୟ, ପ୍ରଚାର ଏବଂ ସେନ୍ସରର ପ୍ରଭୃତି ଚ୍ୟାଲେଞ୍ଜଗୁଡିକର ସମାଧାନ କରିବା, ନୈତିକ ବିଚାର ଏବଂ ଦ୍ୱନ୍ଦ୍ୱ ଉପରେ ପ୍ରତିଫଳନ ତଥା ରିପୋର୍ଟ କରିବାରେ ମିଡିଆ ଅଭ୍ୟାସକାରୀ ସମ୍ମୁଖୀନ ହେଉଥିବା ବିଭିନ୍ନ ପ୍ରସଙ୍ଗ ମଧ୍ୟରେ ସନ୍ତୁଳନ ରକ୍ଷା କରି ରାଜନୈତିକ ପ୍ରସଙ୍ଗ ସମ୍ପର୍କିତ ଆଲୋଚନା କରିବା, ଅଭିବ୍ୟକ୍ତିର ସ୍ୱାଧୀନତା, ସାମ୍ବାଦିକତା ଅଖଣ୍ଡତା, ଏବଂ ଦାୟିତ୍ୱବୋଧତା ରାଜନୈତିକ ପ୍ରକ୍ରିୟା, ଜନମତ ଗଠନ, ଏବଂ ନିର୍ବାଚନ ଫଳାଫଳ ଉପରେ ଗଣମାଧ୍ୟମର ପ୍ରଭାବକୁ ମୂଲ୍ୟାଙ୍କନ କରିବା ଇତ୍ୟାଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକୁ ସ୍ଥାନ ଦିଆଯାଇଛି । ଏଥିରେ ରାଜ୍ୟ ସହ ଦେଶ ବିଦେଶର ପ୍ରତିଷ୍ଠିତ ଗଣମାଧ୍ୟମର ବିଶିଷ୍ଟ ବ୍ୟକ୍ତିମାନଙ୍କ ଯୋଗଦେବା ସହ ୟୁନିସେଫ ସଂଗଠନର ବିଶେଷଜ୍ଞ ଓ ପ୍ରାୟ ୬୧ରୁ ଉର୍ଦ୍ଧ୍ୱ ଗବେଷକ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି । ଏଥିସହିତ ବିଭିନ୍ନ ପ୍ରତିଷ୍ଠିତ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଶ୍ୱବିଦ୍ୟାଳୟର ପ୍ରଧ୍ୟାପକ, ଅଧ୍ୟାପକ-ଅଧ୍ୟାପିକାଙ୍କ ଯୋଗଦେବା ସୂଚିତ କରାଯାଇଛି । ଏହି ଆୟୋଜିତ ଦୁଇଦିନିଆ ଆନ୍ତର୍ଜାତିକ କନକ୍ଲେଭକୁ ସଫଳତାର ସହ ସଂପାଦନ କରାଯିବାର ଆଶା ନେଇ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଛନ୍ତି ।

# ପୂର୍ବ ବିବାଦକୁ ନେଇ ମରଣାନ୍ତକ ଆକ୍ରମଣ : ଜଣେ ଗୁରୁତର

**ବାରଙ୍ଗ, ନ୍ୟୁଜ୍‌ବ୍ୟୁରୋ**

ଚିକେନ ଦୋକାନକୁ ନେଇ ପୂର୍ବରୁ ଥିବା ବିବାଦ ନେଲା ଉଗ୍ରରୂପ । ସମ୍ପର୍କୀୟଙ୍କ ଚପଡ଼ ମାଡ଼ରେ ଜଣେ ଗୁରୁତର ସୂଚନା ମୁତାବକ ନନ୍ଦନକାନନ ଥାନା ଅନ୍ତର୍ଗତ ମଣି ତ୍ରିଭୁବନ ଆପାର୍ଟମେଣ୍ଟ ନିକଟରେ ଜଲାଲ ଖାନ ଏକ ଚିକେନ ଦୋକାନ ଦେଇଛନ୍ତି । ମଙ୍ଗଳବାର ସେ ଦୋକାନରେ ଥିବା ସମୟରେ ସନ୍ଧ୍ୟା ପ୍ରାୟ ୫ଟା ବେଳେ ତାଙ୍କର ଦୁଇ ସମ୍ପର୍କୀୟ ଭାଇ ଭଉଣୀ ସୈଫ ଅଲି ଖାନ (୨୨) ଏବଂ ସବନମ ବେଗମ (୨୮) ଆସି ପହଞ୍ଚି ପୂର୍ବରୁ ଥିବା ବିବାଦକୁ ନେଇ କୌଣସି କାରଣରୁ ଗାଳି ଗୁଲଜ କରିଥିଲେ । ପରେ ସେଠାରେ ଥିବା ଏକ ମାଂସ କଟା ଚପଡ଼ରେ ଜଲାଲଙ୍କୁ ହତ୍ୟା ଉଦ୍ଦେଶ୍ୟରେ ମରଣାତ୍ମକ ଆକ୍ରମଣ କରିଥିଲେ । ଏଥିରେ ଜଲାଲ ଗୁରୁତର ହେବାସହ ସ୍ଥାନୀୟ ଲୋକେ ତାଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ପରେ ଜଲାଲ ନନ୍ଦନକାନନ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତ ଭାଇ ଭଉଣୀଙ୍କୁ କାବୁ କରି ଗିରଫ କରିଥିଲା । ଉଭୟ ଭାଇ ଭଉଣୀଙ୍କ ନିଜଘର ନୟାଗଡ଼ ଅଞ୍ଚଳରେ ହୋଇଥିବା ବେଳେ ପରିବାର ସହ ଇନଫୋସିଟି ଥାନା ଅନ୍ତର୍ଗତ ଶିଖରଚଣ୍ଡୀ ଅଞ୍ଚଳରେ ଥିବା ସରକାରୀ ଜମିରେ ରହି ଆସୁଛନ୍ତି । ପୋଲିସ କେସ ନଂ ୬୬/୨୪ ରେ ଉଭୟ ଭାଇ ଭଉଣୀଙ୍କୁ ବୁଧବାର ଅଦାଲତ ଚାଲାଣ କରିବା ସହ ଆକ୍ରମଣରେ ବ୍ୟବହାର ହୋଇଥିବା ମାଂସ କଟା ଚପଡ଼କୁ ଜବତ କରିଛି ।

## କେନ୍ଦ୍ରାପଡ଼ା ଜିଲ୍ଲା ସାମ୍ବାଦିକ ୟୁନିୟନର କାର୍ଯ୍ୟକାରିଣୀ ବୈଠକ

# ୨୫ ବର୍ଷ ତଳର ମହାକାଳପଡ଼ା ଆଜିର ମହାକାଳପଡ଼ାରେ ଯଥେଷ୍ଟ ପରିବର୍ତ୍ତନ ହୋଇଛି

**ମହାକାଳପଡ଼ା, ନ୍ୟୁଜ୍‌ବ୍ୟୁରୋ**



ମହାକାଳପଡ଼ା ବ୍ଲକ ସଦର ମହକୁମାରେ ଥିବା ପୂର୍ତ୍ତବିଭାଗ ଡାକବଙ୍ଗଳା ପରିସରରେ କେନ୍ଦ୍ରାପଡ଼ା ଜିଲ୍ଲା ସାମ୍ବାଦିକ ୟୁନିୟ (ଓୟୁଜେ)ର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଞ୍ଚଳିକ ବିକାଶରେ ଗଣମାଧ୍ୟମର ଭୂମିକା ସମ୍ପର୍କୀତ ଏକ ଆଲୋଚନା ଚକ୍ର ଆୟୋଜନ କରାଯାଇଥିଲା । ମହାକାଳପଡ଼ା ବ୍ଲକ ୟୁନିଟ୍‌ର ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ସଂଘର ରାଜ୍ୟ ସଭାପତି ପ୍ରଶନ୍ନ କୁମାର ମହାନ୍ତି, ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତ, ବିଡ଼ିଓ ସାଗର କୁମାର ନନ୍ଦ, ଓୟୁଜେର ଜିଲ୍ଲା ସଭାପତି ପରେଶ ଦାସ, ବ୍ଲକ ଉପାଧ୍ୟକ୍ଷ ବିଜୟ ଶୁକ୍ଲା, ବ୍ଲକ ଓୟୁଜେର ସଭାପତି ଅଶୋକ କୁମାର ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ଆଶିଷ ସେନାପତି, ଜିଲ୍ଲା ସଂଗଠନର ସମ୍ପାଦକ ସ୍ନେହଜିତ ପଲେଇ, ଜିଲ୍ଲା ସଂଗଠନର କୋଷାଧ୍ୟକ୍ଷ ପ୍ରମୋଦ କୁମାର ପ୍ରଧାନ, ବରିଷ୍ଠ ସାମ୍ବାଦିକ ବାବୁଲି ଜେନା ପ୍ରମୁଖ ଯୋଗଦେଇ ସଂଗଠନର ଗୁରୁତ୍ୱ ସାମ୍ବାଦିକମାନଙ୍କର ବିଭିନ୍ନ ସମସ୍ୟା ଓ ଅଞ୍ଚଳର ବିକାଶରେ ଗଣମାଧ୍ୟମର ଭୂମିକା ଉପରେ ଆଲୋଚନା କରିଥିଲେ । ଗଣମାଧ୍ୟମର ନିରପେକ୍ଷତା, ସତ୍ୟଖବର ପ୍ରସାରଣ ଦ୍ୱାରା ଅଞ୍ଚଳର ସମସ୍ୟା ଲୋକଲୋଚନକୁ ଆସିବ । ଯାହାକୁ ପ୍ରଶାସନିକ ସ୍ତରରେ ସମାଧାନ ହେଲେ ଅଞ୍ଚଳର ବିକାଶ ହୋଇଥାଏ ବୋଲି ଅତିଥିମାନେ କହିଥିଲେ । ସାମ୍ପ୍ରତିକ ପରିସ୍ଥିତିରେ ଗଣମାଧ୍ୟମ ପ୍ରତିନିଧିମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ୨୫ ବର୍ଷ ତଳର ମହାକାଳପଡ଼ା ଓ ଆଜିର ମହାକାଳପଡ଼ା ମଧ୍ୟରେ ଯଥେଷ୍ଟ ପରିବର୍ତ୍ତନ ହୋଇପାରିଛି ବୋଲି ରାଜ୍ୟ ସଭାପତି ପ୍ରଶନ୍ନ ମହାନ୍ତି କହିଥିଲେ । ଗଣମାଧ୍ୟମ, ପ୍ରଶାସନ ଓ ରାଜନେତା ବିକାଶର ତ୍ରିଭୁଜ ଭଳି କାମକଲେ ଅନେକ ମୌଳିକ ସମସ୍ୟା ସମାଧାନ କରିବା ଓ ଅଞ୍ଚଳର ଉନ୍ନତିରେ ସହାୟକ ହୋଇପାରିବ ବୋଲି ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଛନ୍ତି । ନିଜ ଜୀବନକୁ ପାଣି ଛଡ଼େଇ କିଭଳି ଗଣମାଧ୍ୟମ ପ୍ରତିନିଧି ଖବର ପରିବେଷଣ କରନ୍ତି ତାହା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା । ଓୟୁଜେ ଭଳି ରାଜ୍ୟର ଏକ ବୃହତ୍ ସଂଗଠନ ଗଣମାଧ୍ୟମ ମାନଙ୍କ ପାଇଁ ଲଢୁଛି । ଆଗାମୀ ଦିନରେ ଆହୁରି ସ୍ୱର ଶାଣିତ କରିବ ବୋଲି ରାଜ୍ୟ ସଭାପତି ନିଜ ବକ୍ତବ୍ୟରେ କହିଥିଲେ । ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତ ଗଣମାଧ୍ୟମ ପ୍ରତିନିଧିଙ୍କର ଭୂମିକାକୁ ଭୂୟସୀ ପ୍ରଶଂସା କରିଥିଲେ । ସେହିପରି ମଣ୍ଡଳ ଉନ୍ନୟନ ଅଧିକାରୀ ସାଗର କୁମାର ନନ୍ଦ ଖବର ପ୍ରସାରଣ ବେଳେ ଯଥେଷ୍ଟ ସଂଯମତା ଅବଲମ୍ବନ କରିବା ଓ ସ୍ଥାନୀୟ ସମସ୍ୟା ଲୋକଲୋଚନକୁ ଆଣିବାରେ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜ୍ୱଳନ କରାଯାଇଥିଲା । ଓୟୁଜେର ସଦସ୍ୟ ସାମ୍ବାଦିକ କଳ୍ପତରୁ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ । କେନ୍ଦ୍ରାପଡ଼ା ଜିଲ୍ଲାର ତଥା ଅନ୍ୟ ଜିଲ୍ଲାରୁ ଆସିଥିବା ସଂଗଠନର କର୍ମକର୍ତ୍ତାମାନଙ୍କୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା । ଆଲୋଚନାଚକ୍ରରେ କେଶବ ଚନ୍ଦ୍ର ପରମାଣିକ, ନିରାକାର ଜେନା, ସୁରଭି ଜେନା, ଦେବଦତ ପରିଡ଼ା, ସରୋଜିନୀ ସେଠୀ, ଅଶୋକ ମହାପାତ୍ର, ଅମରେନ୍ଦ୍ର ସାମଲ, ଗଗନ ବିହାରୀ ପ୍ରଧାନ, ସତ୍ୟପ୍ରକାଶ ସାମଲ, ରାକେଶ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିବା ବେଳେ ବରିଷ୍ଠ ସାମ୍ବାଦିକ ସମରେନ୍ଦ୍ର ମାହାଳି, ସଂଜୟ ଦାସ, ଜ୍ୟୋତିର୍ମୟ ଜେନା, ମହାକାଳପଡ଼ା ସମ୍ବାଦିକ ସଂଘର ସମ୍ପାଦକ ବିରଞ୍ଚି ନାରାୟଣ ଦାସ, ସଭାପତି ପ୍ରତାପ ଚନ୍ଦ୍ର ସ୍ୱାଇଁ, ଉପସଭାପତି ଅରକ୍ଷିତ ନାଥ, ଲକ୍ଷ୍ମୀକାନ୍ତ ସ୍ୱାଇଁ, ଅମୀୟ ନାୟକ, ହିମାଂଶୁ ସାହୁ, ସଂଜୟ ଜେନା, ଉଦୟ ଦାସ, ନଳିନୀପ୍ରଭା ଚୌଧୁରୀ, କବିତା ମଲିକ, ହେମନ୍ତ ସ୍ୱାଇଁ, ପ୍ରଦୀପ ସ୍ୱାଇଁ, ବିଘ୍ନେଶ୍ୱର ସେଠୀ, ସୁବାଷ ସ୍ୱାଇଁ, ଜନ୍ମେଜୟ ମଲିକ, ତାରାକାନ୍ତ ସାହୁଙ୍କ ସମେତ ବହୁ ଗଣମାଧ୍ୟମର ପ୍ରତିନିଧି, ବୁଦ୍ଧିଜୀବୀ, ସମାଜସେବୀ, ଲୋକପ୍ରତିନିଧି ପ୍ରମୁଖ ଉପସ୍ଥିତ ରହିଥିଲେ ।

# ନାବାଳକର ସନ୍ଦେହ ଜନକ ମୃତ୍ୟୁ : ଆମ୍ବ ଗଛରୁ ଝୁଲନ୍ତା ଅବସ୍ଥାରେ ମୃତ ଦେହ ଠାବ

**ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କୋଟଗଡ଼ ଥାନା ଶ୍ରୀରାମପୁରରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ୧୨ ବର୍ଷର ନାବାଳକର ସନ୍ଦେହ ଜନକ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ଝୁଲନ୍ତା ଅବସ୍ଥାରେ ନାବାଳକର ମୃତ ଦେହ ଗାଁ ନିକଟସ୍ଥ ଏକ ଆମ୍ବ ଗଛରୁ ଠାବ ହୋଇଛି । ସୂଚନା ପ୍ରକାରେ ଶ୍ରୀରାମପୁର ପଞ୍ଚାୟତର ଓଡ଼ିଆ ସାହିର ଧ୍ୱଜ ପ୍ରଧାନୀଙ୍କ ୧୨ ବର୍ଷର ନାବାଳକ ପୁଅ ଶୁଭମ ପ୍ରଧାନୀ ମଙ୍ଗଳବାର ନିଖୋଜ ଥିଲା । ପରିବାର ଲୋକେ ବହୁତ ଖୋଜାଖୋଜି ପରେ ମଧ୍ୟ ପୁଅର ସନ୍ଧାନ ପାଇନଥିଲେ । ବୁଧବାର ସକାଳେ ଗାଁ ନିକଟସ୍ଥ ଏକ ଆମ୍ବ ଗଛରେ ଶୁଭମର ମୃତଦେହ ଝୁଲୁଥିବା ଅଞ୍ଚଳ ବାସୀ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ । ଘଟଣା ସ୍ଥଳରେ ପରିବାର ଲୋକେ ପହଁଚି ପୁଅର ଅବସ୍ଥା ଦେଖି କୋଟଗଡ଼ ଥାନା ପୋଲିସକୁ ଖବର ଦେବା ସହ ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି । ପରିବାର ଲୋକେ ଖବରପାଇ କୋଟଗଡ଼ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ତୁମୁଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି । ଅନ୍ୟପଟେ ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଡପଡାରେ ନୂତନ...

ପ୍ରଦର୍ଶନ କରୁଛନ୍ତି ମତ ଦେଇ ସେ ଏଥିପାଇଁ ଖୁସି ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ୫-ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ଯୋଗଦେଇ କହିଥିଲେ ଯେ ଆଗାମୀ ଦିନରେ ସ୍ୱାଭିମାନ ଅଞ୍ଚଳରେ ଏକ ଦକ୍ଷତା ବିକାଶ କେନ୍ଦ୍ର ପ୍ରତିଷ୍ଠା କରାଯିବ । ଏହା ମାଧ୍ୟମରେ ସ୍ୱାଭିମାନ ଅଞ୍ଚଳର ଯୁବଗୋଷ୍ଠୀ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ପାଇବେ । ସେ ଆହୁରି ମଧ୍ୟ କହିଥିଲେ ଯେ ଲକ୍ଷ୍ମୀ ଯୋଜନାର ଶୁଭାରମ୍ଭ ମାଲକାନଗିରିରୁ ହିଁ କରାଯାଇଛି । ସ୍ୱାଭିମାନ ଅଞ୍ଚଳର ବିକାଶ ନିମନ୍ତେ ସେତୁ ଯୋଜନାର ପରିକଳ୍ପନା ଜରିଆରେ ଅଞ୍ଚଳରେ ଗମନାଗମନ, ସ୍ୱାସ୍ଥ୍ୟ ଓ ଶିକ୍ଷା ଭିତ୍ତିଭୂମିର ବିକାଶ ହୋଇପାରିଛି । କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲା ପରିଷଦ ସଭାପତି ସମାରୀ ଟାଙ୍ଗୁଲୁ ଏହି ଶିକ୍ଷା ସୌଧ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ୫-ଟି ଅଧ୍ୟକ୍ଷଙ୍କ ପ୍ରତ୍ୟକ୍ଷ ଉଦ୍ୟମର ଉଚ୍ଚପ୍ରଶଂସା କରିଥିଲେ । ମାଲକାନଗିରି ଜିଲ୍ଲାପାଳ ସ୍ୱାଗତ ଭାଷଣ ଦେଇଥିଲେ ।

### ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ...

କରି ସାଧାରଣ ଲୋକଙ୍କ ଠାରୁ ମଧ୍ୟ ପରାମର୍ଶ ନିଆଯାଇଛି । ତେବେ ଏହି ରିପୋର୍ଟରେ କ'ଣ ରହିଛି ତାହା ଜଣାପଡିନଥିଲେ ମଧ୍ୟ ଦେଶରେ ଏକକାଳୀନ ମତଦାନ ଆୟୋଜନ କରିବାକୁ ସାମର୍ଥ୍ୟ କରିବାକୁ ସମ୍ବିଧାନର ଶେଷ ପାଞ୍ଚଟି ଆର୍ଟିକିଲରେ ସଂଶୋଧନ କରିବାକୁ ପ୍ୟାନେଲ ସୁପାରିସ କରିଥାଇପାରେ ବୋଲି କୁହାଯାଉଛି । ପ୍ରସ୍ତାବିତ ରିପୋର୍ଟରେ ଲୋକସଭା, ରାଜ୍ୟ ସଭା, ପୌରପାଳିକା ଏବଂ ପଞ୍ଚାୟତକୁ ଏକକାଳୀନ ନିର୍ବାଚନ କରିବା ପାଇଁ ପ୍ରସ୍ତାବ ରହିଥିବା ଜଣାପଡିଛି । ଉଲ୍ଲେଖଯୋଗ୍ୟ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ନେତୃତ୍ୱରେ ଗଠିତ ଏହି କମିଟିରେ ଗୃହମନ୍ତ୍ରୀ ଅମିତ ଶାହା, ରାଜ୍ୟସଭାରେ ବିରୋଧୀ ଦଳର ପୂର୍ବତନ ନେତା ଗୁଲାମ ନବୀ ଆଜାଦ, ପୂର୍ବତନ ଅର୍ଥ ଆୟୋଗର ଅଧ୍ୟକ୍ଷ ଏନ.କେ ସିଂ, ଲୋକସଭାର ପୂର୍ବତନ ସଚିବ ସୁଭାଷ କାଶ୍ୟପ ଏବଂ ବରିଷ୍ଠ ଓକିଲ ହରିଶ ସାଲଭେ ଆଦି ସଦସ୍ୟ ଅଛନ୍ତି ।

C-3319

ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଣ୍ଡପଡ଼ା
OFFICE OF THE NOTIFIED AREA COUNCIL : KHANDAPADA
E-Mail Id-nackpg89@gmail.com

Letter No - 699 Date. 13.03.2024

**SHORT TENDER CALL NOTICE**

The Executive Officer, NAC, Khandapada invites sealed tenders from the intending Odisha Govt, registered contractors & electrical contractor for execution of the works. The tenderers are essentially required to enclose certificate copies of their up to date valid Contractor License, valid GST certificate copy, PAN card copy along with their tendered offers, failing which their offers will not be taken in to consideration. The sale of the tender documents shall start from Dt. 15.03.2024 on payment of cost (non refundable), EMD (refundable) and will be closed on Dt.21.03.2024 at 5.00 PM during the working days. The tender will be received on Dt.22.03.2024 up to 2.00P.M and opened on Dt.22.03.2024 day at 4.00 PM in the Office of the undersigned in presence of the respective tenderers or their authorized representatives. The detail about the works can be had from office during office hours up to 5.00P.M till **Dtd.21/03/2024.**

Sd/- Executive Officer,
NAC, Khandapada
OIPR-13147/11/0029/2324

N-165

OFFICE OF THE PRINCIPAL
GODAVARIS MAHAVIDYALAYA, BANPUR
DIST. KHORDHA, ODISHA, PIN-752031
ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ
ଗୋଦାବରୀଶ ମହାବିଦ୍ୟାଳୟ, ବାଣପୁର

No - 699 Date. 13.03.2024
principalgmbanpur@gmail.com Website : www.gmbanpur.edu.in Fax & Tel.No . 06756-253089

**TENDER CALL NOTICE**

OFFICE OF THE PRINCIPAL:GODAVARIS MAHAVIDYALAYA BANPUR,KHORDHA
NO: 19142302/OHEPEE/02 DATE: 14.03.2024

Sealed tenders are invited from registered firms/agencies/suppliers with up to date VST/GST clearance certificates to **Supply and Installed Computer Lab Set Up.** The detail terms and conditions, guidelines etc.are available and can be downloaded from the college website https://gmbanpur.edu.in/. The sealed envelope containing the tenders in the prescribed format should reach in the office of the undersigned on or before dated 20.03.2024 at 5 pm through Registered/speed post only.

The undersigned reserves the right to reject or cancel any or all tenders without assigning any reason thereof and authority will not be held responsible for any postal delay.

-Sd/- Principal
Godavaris Mahavidyalaya, Banpur, Khordha
OIPR-11143/11/0003/2324

A-1717

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
MINOR IRRIGATION DIVISION, KHARIAR
E-mail:-eemidivision_khariar@rediffmail.com
e-PROCUREMENT NOTICE

Bid Identification Notice No.: -05/SE MIDKHR/2023-24
Lt No: 415 (I) MIDKHR Dt.: -12.03.2024

The Superintending Engineer, M.I. Division, Khariar, Dist-Nuapada on behalf of Governor of Odisha invites Percentage Rate Bids in Single Cover System through e-procurement to be received in online mode only for the works as detailed in the table below. The bid should be submitted online in the web site www.tendersodisha.gov.in by eligible contractors.

| | | | |
|---|---|---|---|
| 1. | Name of work | : | Construction of Civil Works under M.I Division, Khariar |
| 2. | Total No. of works | : | 02 (Two) Nos. Only |
| 3. | Estimated cost | : | 8.40 Lakhs Approximately |
| 4 | Class of Contractor | : | As mentioned against work |
| 5. | Period of completion | : | As mentioned against work |
| 6. | Date and time of availability of Bid | : | From 11:00 AM on 20.03.2024 and up to 5:30 PM on 26.03.2024 Document in portal |
| 7. | Last date / time for receipt of Bid | : | Up to 5:30 PM on 26.03.2024 |
| 8. | Date / Time of opening of Technical Bid | : | From 11:00 AM on 27.03.2024 At O/o M.I. Division, Khariar, Nuapada |
| 9. | Date of Lottery (if Required) | : | 11:00 AM on 02.04.2024 |
| 10. | Name and Address Officer | : | Superintending Engineer, M.I. Division, Khariar, Nuapada Officer inviting the Bid. |
| 11. | Mode of Payment of Bid cost and Bid security. | : | Online |

Sd/-Superintending Engineer
M.I.Division,Khariar
OIPR-32090/11/0011/2324

O-2807

INVITATION FOR BIDS (IFB)
NATIONAL COMPETITIVE BIDDING THROUGH E-PROCUREMENT
IDENTIFICATION NO: RWS&S DIVN., BBSR – 47 OF 2023-24
Tel- (0674) 2384108, E-Mail: eerwss_BBSR@nic.in

The Executive Engineer, RWS&S Division, BBSR on behalf of Governor of Odisha invites bids through e-procurement in single cover system in conformity with the terms & conditions of the detailed tender call notice (DTCN) from the Contractor registered / licensed Electrical Contractor having HT license issued by Electrical license Board , Government of Odisha having valid & up to date Contractors registration certificate, GSTIN& PAN Card as given in the DTCN to be eventually drawn up in the standard Percentage rate contract form of OPWD.

| .Sl.No. | Nature of work: | External Electrification to Rural piped water supply for Sarakantara & its adjoining villages (Location- Zone-II Bahadalpur) under Bhubaneswar Block |
|---|---|---|
| 1. | No. of works: | 01(One) |
| 2. | Estimated Cost: | Rs.6.96 lakhs (app.) |
| 3. | Time for completion: | 60 days |
| 4. | Cost of bidding document: | Rs.4000/- |
| 5. | Class of Contractors eligible: | HT |
| 6. | Availability of bids on-line: | from 11.00 hours of 18.03.2024 hour to 17.00 hours of 28.03.2024 |
| 7. | Last date and time for seeking clarification: | up to 17.00 hours of 22.03.2024 |
| 8. | Date & time of opening of technical bids & financial bids: | 30.03.2024 at 11:30 Hours in the office of the Executive Engineer, RWS&S Division, BBSR (All documents should be submitted in online only. No original documents should be dropped in dropping box before opening of technical bid in Division Office). |

Further details can be seen from the website https://www.tendersorissa.gov.in.

Executive Engineer,
OIPR-25011/11/0043/2324 RWS&S Division, BBSR

CAD-4607

obcc
ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧିନର ଏକ ଉଦ୍ୟୋଗ)
ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking under Works Department)

No. 2498
File: SMT- 1985
**NOTICE INVITING TENDER** Date. 12.03.2024

| | | |
|---|---|---|
| 1. | Name of Work | *Proposed Development Work of Majhighariani Temple, Rayagada, Odisha* |
| 2. | Bid Identification No. of the Tender Document | 113/Tender/OBCC/2023-24 |
| 3. | Date of availability in e-procurement portal | from 15.03.2024 |
| 4. | Last date of receipt of pre-bid queries | upto 5:00 P.M of 19.03.2024 |
| 5. | Last Date & time of receipt of online bid | 2.04.2024 till 5.00 P.M. |
| 6. | Date of Opening of online technical bid | 3.04.2024 at 11:30 A.M |
| 7. | Class of Bidder | Special Class & Super Class |
| 8. | Period of completion | 18 Months |

10. Further details can be seen from the e-Procurement portal https://www.tendersodisha.gov.in.
11. OBCC has the right to accept or reject the Notice/ RFP/Proposal without assigning any reasons thereof.

OIPR-34161/11/0129/2324 EIC-cum-Managing Director




## ନବୀନ ନିବାସରେ ବିଜେଡିର ଗୁରୁତ୍ୱପୂର୍ଣ୍ଣ ବୈଠକ

# ଦଳୀୟ ନେତାଙ୍କ ସହ ନବୀନଙ୍କ ଆଲୋଚନା



**ଭୁବନେଶ୍ୱର, ୧୪।୩:ନ୍ୟୁଜ୍‌ବ୍ୟୁରୋ**

୨୦୨୪ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଗୁରୁବାର ନବୀନ ନିବାସ ଠାରେ ବିଜୁ ଜନତା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ '୫-ଟି ତଥା ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ବିଜେଡିର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସମେତ ଦଳୀୟ କାର୍ଯ୍ୟକର୍ତ୍ତା, ସମସ୍ତ ଜିଲ୍ଲାର ପର୍ଯ୍ୟବେକ୍ଷକ, ସାଂସଦ, ବିଧାୟକ, ମନ୍ତ୍ରୀ ଓ ବରିଷ୍ଠ ନେତାମାନେ ଯୋଗ ଦେଇଥିଲେ।

ବୈଠକ ଶେଷରେ ଦଳର ଉପସଭାପତି ତଥା ବରିଷ୍ଠ ବିଧାୟକ ଦେବୀ ପ୍ରସାଦ ମିଶ୍ର ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇ କହିଛନ୍ତି ଯେ, ବିଜେଡିର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ କାର୍ଯ୍ୟକର୍ତ୍ତା, ଜିଲ୍ଲା ପର୍ଯ୍ୟବେକ୍ଷକ ଓ ବରିଷ୍ଠ ନେତାମାନଙ୍କ ସହିତ ସାଂଗଠନିକ କାର୍ଯ୍ୟକ୍ରମ, ନିର୍ବାଚନୀ ରଣକୌଶଳ ସମେତ ସମସ୍ତ ବିଷୟରେ ଆଲୋଚନା କରିଥିଲେ। ପର୍ଯ୍ୟବେକ୍ଷକମାନେ ନିର୍ବାଚନ ମଣ୍ଡଳୀୱାରୀ ପ୍ରସ୍ତୁତ କରିଥିବା ରିପୋର୍ଟ ବୈଠକରେ ଉପସ୍ଥାପନା କରିଥିଲେ। ଏହା ସହିତ ଜିଲ୍ଲାସ୍ତରୀୟ ରିପୋର୍ଟ ଦେଇଥିଲେ। ପର୍ଯ୍ୟବେକ୍ଷକ ରିପୋର୍ଟ ଉପରେ ତର୍ଜମା କରାଯାଇଛି। ଦଳୀୟ ସ୍ଥିତି ବାବଦରେ ସଭାପତିଙ୍କୁ ଅବଗତ କରାଯିବା ସହ ପରାମର୍ଶ ଦେଇଥିଲେ। ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ଆଗକୁ କେଉଁ ଅଞ୍ଚଳରେ କ'ଣ କ'ଣ କାର୍ଯ୍ୟକ୍ରମ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି ସେ ବାବଦରେ ସଭାପତି ଦଳୀୟ ନେତା, କାର୍ଯ୍ୟକର୍ତ୍ତା ଓ ପର୍ଯ୍ୟବେକ୍ଷକମାନଙ୍କୁ ପରାମର୍ଶ ଦେବା ସହ ଦଳୀୟ ସଂଗଠନକୁ ମଜଭୁତ କରିବାକୁ ଉପଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ସାଂସଦ ମାନସ ମଙ୍ଗରାଜ, ସସ୍ମିତ ପାତ୍ର, ମନ୍ତ୍ରୀ ପ୍ରତାପ ଦେବ, ଅତନୁ ସବ୍ୟସାଚୀ ନାୟକ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅଶୋକ ଚନ୍ଦ୍ର ପଣ୍ଡା, ପ୍ରଫୁଲ୍ଲ ମଲ୍ଲିକ, ବିଧାୟକ ପ୍ରଶାନ୍ତ ମୁଦୁଲି, ପ୍ରଣବ ବଳବନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## କିମ୍ସରେ ବିଶ୍ୱ କିଡ୍‌ନୀ ଦିବସ ପାଳିତ

# ବିଶ୍ୱରେ କିଡ୍‌ନୀ ରୋଗରେ ବାର୍ଷିକ ୩.୧ ନିୟୁତ ଲୋକଙ୍କ ଜୀବନ ଯାଉଛି

**ଭୁବନେଶ୍ୱର, ୧୪।୩:ନ୍ୟୁଜ୍‌ବ୍ୟୁରୋ**

କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍‌ସେସ (କିମ୍‌ସ) ପକ୍ଷରୁ ଗୁରୁବାର ବିଶ୍ୱ କିଡ୍‌ନୀ ଦିବସ ପାଳିତ ହୋଇଯାଇଛି। କିଡ୍‌ନୀ ରୋଗ ଉପରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ କିମ୍‌ସ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଗୁରୁବାର ସକାଳେ ଅନୁଷ୍ଠିତ ହୋଇଥିଲା। ଏଥିରେ କିଟ୍, କିସ୍, କିନ୍‌ସ ଏବଂ କିମ୍‌ସର ଶତାଧିକ ଛାତ୍ରଛାତ୍ରୀ, ଡାକ୍ତର, ପ୍ରଫେସର ଏବଂ ହସ୍ପିଟାଲ କର୍ମଚାରୀ ସାମିଲ ହୋଇଥିଲେ।




ଶରୀରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ମଧ୍ୟରୁ କିଡ୍‌ନୀ ବା ବୃକ୍‌କ ଅନ୍ୟତମ ଏହା ଶରୀରରୁ ବର୍ଜ୍ୟବସ୍ତୁ ନିଷ୍କାସନ କରି ସୁସ୍ଥ ରଖିବା କାର୍ଯ୍ୟ କରିଥାଏ। କିନ୍ତୁ ବର୍ତ୍ତମାନର ଜୀବନଶୈଳୀ କିଡ୍‌ନୀ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଉଛି। ଲୋକଙ୍କୁ କିଡ୍‌ନୀ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବାକୁ ସଚେତନ କରାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମାର୍ଚ୍ଚ ଦ୍ୱିତୀୟ ଗୁରୁବାରକୁ ବିଶ୍ୱ କିଡ୍‌ନୀ ଦିବସ ରୂପେ ପାଳନ କରାଯାଏ। ଚଳିତ ବର୍ଷ ବିଶ୍ୱ କିଡ୍‌ନୀ ଦିବସର ବିଷୟ ବସ୍ତୁ ରହିଛି 'କିଡ୍‌ନୀ ହେଲ୍‌ଥ ଫର ଅଲ' ଯାହାର ଅର୍ଥ ସମସ୍ତଙ୍କ ପାଇଁ କିଡ୍‌ନୀ ସ୍ୱାସ୍ଥ୍ୟ।

ଏହି ଅବସରରେ କିମ୍‌ସ କଲେଜ ଅଧ୍ୟକ୍ଷ/ଡିନ ବ୍ରିଗ ପ୍ରଫେସର (ଡା.) ଅମ୍ବିକା ପ୍ରସାଦ ମହାନ୍ତି ଯୋଗଦେଇ କହିଲେ, କେହି କିଡ୍‌ନୀ ରୋଗରେ ଥରେ ଆକ୍ରାନ୍ତ ହେଲେ ଏଥିରୁ ମୁକ୍ତି ପାଇବା କଷ୍ଟକର। ତେଣୁ ସମସ୍ତେ ଏଥିପ୍ରତି ସତର୍କ ହେବା ଜରୁରୀ ବୋଲି କହିଥିଲେ। କିମ୍‌ସ ମେଡିକାଲ ଅଧୀକ୍ଷକ ପ୍ରଫେସର ରାମ ଚନ୍ଦ୍ର ଦାସ ଯୋଗଦେଇ ଲୋକମାନେ କିପରୀ କିଡ୍‌ନୀ ରୋଗରେ ଆକ୍ରାନ୍ତ ନ ହେବେ ଏହାର ଚିକିତ୍ସା ପ୍ରଣାଳୀ ସମ୍ବନ୍ଧରେ ସଭିଙ୍କ ମଧ୍ୟରେ ସଚେତନ ବୃଦ୍ଧି କରାଯିବା ନେଇ ଗୁରୁତ୍ୱାରୋପ କରିଥିଲେ।

ନେଫ୍ରୋଲୋଜି ବିଭାଗ ବିଭାଗୀୟ ମୁଖ୍ୟ ଡା. ନିକୁଞ୍ଜ କିଶୋର ରାଉତ କହିଲେ, କିଡ୍‌ନୀ ରୋଗ ଏକ ଗମ୍ଭୀର ରୋଗ। ସମଗ୍ର ବିଶ୍ୱରେ ୮୫୦ ନିୟୁତ ଲୋକ ଏଥିରେ ଆକ୍ରାନ୍ତ। ଏହି ରୋଗ କାରଣରୁ ବାର୍ଷିକ ୩.୧ ନିୟୁତ ଲୋକ ମୃତ୍ୟୁ ମୁଖରେ ପଡ଼ିଥାନ୍ତି। ଠିକ୍ ସମୟରେ ଏହି ରୋଗ ନିରୂପଣ ଏବଂ ଚିକିତ୍ସା ଆବଶ୍ୟକ ବୋଲି କହିଥିଲେ। ଏଥି ସହ କିମ୍‌ସ ହସ୍ପିଟାଲ ନେଫ୍ରୋଲୋଜି ବିଭାଗରେ ପ୍ରଦାନ କରାଯାଉଥିବା ଉନ୍ନତମାନର ଡାୟାଲିସିସ ବ୍ୟବସ୍ଥା ଏବଂ ପ୍ରତିରୋପଣ ଚିକିତ୍ସା ଦ୍ୱାରା ଅନେକ ରୋଗୀ ଉପକୃତ ହୋଇପାରୁଛନ୍ତି। କିଡ୍‌ନୀ ରୋଗ ବିଷୟରେ ଲୋକମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ବିଶ୍ୱ କିଡ୍‌ନୀ ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଥିଲେ।

# କେନ୍ଦ୍ରରେ ଓ ରାଜ୍ୟରେ ବିଜେପି ସରକାର ପ୍ରତିଷ୍ଠା କରିବ : ମନମୋହନ

**ଭୁବନେଶ୍ୱର/ନୂଆଦିଲ୍ଲୀ, ୧୪।୩:ନ୍ୟୁଜ୍‌ବ୍ୟୁରୋ**

ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ବିଜେଡି ବିଜେପି ମଧ୍ୟରେ ମେଣ୍ଟ ହେବା ନେଇ ବେଶ୍ କିଛି ଦିନ ଧରି ଚର୍ଚ୍ଚା ଚାଲିଥିବା ବେଳେ ଗୁରୁବାର ଦିଲ୍ଲୀରୁ ଫେରିଥିବା ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏହା ଉପରେ କୌଣସି ସ୍ପଷ୍ଟ ସୂଚନା ନ ଦେଇ କେବଳ ବିଚାରାଲୋଚନା ଚାଲିଛି ବୋଲି କହିଛନ୍ତି। ସେ କହିଛନ୍ତି ଯେ, ବିଜେପି ନେତୃତ୍ୱରେ କେନ୍ଦ୍ରରେ ସରକାର ଗଠନ ହେବ ଏବଂ ଓଡ଼ିଶାରେ ମଧ୍ୟ ବିଜେପି ସରକାର ଗଢ଼ିବାକୁ ଯାଉଛି। ଆଗାମୀ ଦିନରେ ଏହା ନିଶ୍ଚିତ ଭାବେ ସ୍ପଷ୍ଟ ହୋଇଯିବ। ସେ କହିଛନ୍ତି ଯେ ଆମର ପ୍ରକ୍ରିୟା ଯାହା ହେବା କଥା ତାହା ଚାଲିଛି। ସବୁ ଠିକ୍ ଚାଲିଛି, ଆମର ପ୍ରକ୍ରିୟା ଯାହା ହେବା କଥା ତାହା ଚାଲିଛି।

# 'ନାଲ୍‌କୋ' ନିର୍ଦ୍ଦେଶକ (ମାନବ ସମ୍ବଳ) ରାଧାଶ୍ୟାମ ମହାପାତ୍ର ନିଲମ୍ବିତ

**ଭୁବନେଶ୍ୱର, ୧୪।୩:ନ୍ୟୁଜ୍‌ବ୍ୟୁରୋ**



ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ନାଲ୍‌କୋର ଧାରା ୨୩ ବଳରେ ନିର୍ଦ୍ଦେଶକ (ମାନବ ସମ୍ବଳ) ଦାୟିତ୍ୱରୁ ରାଧାଶ୍ୟାମ ମହାପାତ୍ରଙ୍କୁ ନିଲମ୍ବିତ କରାଯାଇଥିବା କେନ୍ଦ୍ର ଖଣି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଶ୍ରୀ ମହାପାତ୍ରଙ୍କ ସ୍ଥାନରେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଜଗଦୀଶ ଆରୋରା (ପି ଆଣ୍ଡ୍ ଟି) ଅତିରିକ୍ତ ଦାୟିତ୍ୱ ସ୍ୱରୂପ ନାଲ୍‌କୋର ନିର୍ଦ୍ଦେଶକ (ମାନବ ସମ୍ବଳ) ଦାୟିତ୍ୱ ବହନ କରିବେ ବୋଲି ଉକ୍ତ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

